RNI No.ODIODI/2010/33031
୧୭ ବର୍ଷ Volume-16
ISSUE -289 ସଂଖ୍ୟା-୨୮୯
ଭୁବନେଶ୍ୱର, ମଙ୍ଗଳବାର ୦୩ ଫେବୃଆରୀ ୨୦୨୬
Bhubaneswar, Tuesday 03 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



### ରାୟଗଡ଼ାରେ ସୁଭଦ୍ରା ଶକ୍ତି ମେଳାର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

# ୫୫୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା




ରାୟଗଡ଼ା, ୨।୨(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାୟଗଡ଼ାରେ ସୁଭଦ୍ରା ଶକ୍ତି ମେଳାର ଉଦଘାଟନ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ଏକ ପ୍ରମୁଖ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି ଏବଂ ଏଥିସହିତ ଜିଲ୍ଲାରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ଜିଲ୍ଲାର ୪,୨୧୭ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୦୦ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରିଥିଲେ, ଯାହା ଦ୍ୱାରା ଜୀବିକା ନିର୍ବାହ କାର୍ଯ୍ୟରେ ନିୟୋଜିତ ହଜାର ହଜାର ମହିଳାଙ୍କୁ ଲାଭ ମିଳିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ରାୟଗଡ଼ାର 'କାପଡ଼ାଗଣ୍ଡା ଶାଢ଼ୀ' ଓ 'ସୌରା ପେଣ୍ଟିଂ' ଆଜି ବିଶ୍ୱ ଦରବାରରେ ଓଡ଼ିଶାର ଗୌରବ ବଢ଼ାଉଛି। ଜିଲ୍ଲାର ପ୍ରାୟ ୨୯ ହଜାରରୁ ଅଧିକ ଭଉଣୀ 'ଲକ୍ଷପତି ଦିଦି' ହୋଇ ଆତ୍ମନିର୍ଭରଶୀଳତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଆମ 'ଡବଲ ଇଞ୍ଜିନ' ସରକାର ମହିଳାମାନଙ୍କ ସଶକ୍ତିକରଣ ଓ ସ୍ୱାଭିମାନ ପାଇଁ ସୁଭଦ୍ରା ଶକ୍ତି କେନ୍ଦ୍ର ଭଳି ଅନେକ ପଦକ୍ଷେପ ନେଉଛନ୍ତି। ମୋର ଦୃଢ ବିଶ୍ୱାସ, ମା'ମାନଙ୍କର ଏହି ସକ୍ରିୟ ଯୋଗଦାନ ହିଁ ଆଗାମୀ ଦିନରେ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସହାୟକ ହେବ'।

ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କେବଳ ହିତାଧିକାରୀ ନୁହଁନ୍ତି ବରଂ ଓଡ଼ିଶାର ବିକାଶ ଯାତ୍ରାରେ ସକ୍ରିୟ ଅଂଶୀଦାର, ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ଉଦ୍ୟୋଗିତା ମାଧ୍ୟମରେ ଗ୍ରାମୀଣ ଅର୍ଥନୈତିକ ପରିବର୍ତ୍ତନରେ ଅବଦାନ ରଖୁଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ୨୧୦ କୋଟି ଟଙ୍କାର ୪୧ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି ଏବଂ ୩୪୦ କୋଟି ଟଙ୍କାର ୬୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ମଧ୍ୟରେ ରାସ୍ତା, ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗ୍ରାମୀଣ ବିକାଶ ଏବଂ ସହରାଞ୍ଚଳ ସୁବିଧାଗୁଡ଼ିକୁ ଅନ୍ତର୍ଭୁକ୍ତ ରହିଛି। ଏହି ପରିପେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକାଶ ଗରିବ, ଆଦିବାସୀ ସମ୍ପ୍ରଦାୟ, ମହିଳା ଏବଂ ଯୁବକମାନଙ୍କ ସମେତ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିବ। ସେ ଆହୁରି ମଧ କହିଛନ୍ତି ରାୟଗଡ଼ା ଜିଲ୍ଲାରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ, ୩୦,୦୦୦ ରୁ ଅଧିକ ସ୍ଥାନୀୟ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି, ଏବଂ ୮୦% ଚାକିରି ବାସିନ୍ଦାଙ୍କୁ ଦିଆଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସେ ଚେତାବନୀ ଦେଇଥିଲେ ଯେ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ନ ଦେଉଥିବା କମ୍ପାନୀଗୁଡ଼ିକୁ ଆବଶ୍ୟକୀୟ ମଞ୍ଜୁରୀ ମିଳିବ ନାହିଁ।

ସରକାରଙ୍କ ପ୍ରାଥମିକତା କେବଳ ଆର୍ଥିକ ସହାୟତା ପ୍ରଦାନ କରିବା ନୁହେଁ ବରଂ ମହିଳାଙ୍କ ସମ୍ମାନକୁ ସୁରକ୍ଷା ଦେବା ମଧ୍ୟ। ସେଥିପାଇଁ କୃଷି, ହସ୍ତତନ୍ତ, ପୋଷାକ, ସଂସ୍କୃତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱାରୋପ କରି ରାୟଗଡ଼ାର ସ୍ଥାୟୀ ସମୃଦ୍ଧିର ପ୍ରତିଶ୍ରୁତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଆଜି ରାୟଗଡ଼ାରେ ସୁଭଦ୍ରା ଶକ୍ତି ମେଳାରେ ଯୋଗଦେଲି । ରାୟଗଡ଼ା ଜିଲ୍ଲା ଆମ ଆଦିବାସୀ ସଂସ୍କୃତି ଓ ସମୃଦ୍ଧ ଐତିହ୍ୟର ଏକ ଅନନ୍ୟ ପ୍ରାଣକେନ୍ଦ୍ର। ଓଡ଼ିଶାର ଏହି ସୁନ୍ଦର ଜିଲ୍ଲା ଏହାର ଅନନ୍ୟ ପରମ୍ପରା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ରାୟଗଡା ବିଧାୟକ ଆପଲସ୍ୱାମୀ କାଡ଼ରଓକା, ବିଷମକଟକ ବିଧାୟକ ନୀଳମାଧବ ହିକକା ଓ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଉପସ୍ଥିତ ରହି ନିଜନିଜ ବକ୍ତବ୍ୟ ରଖିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିଲେକ୍ଷ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ୱାଗତ ଭାଷଣ ଦେଇଥିବା ବଳେ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ, ବରିଷ୍ଠ ନେତା ଶିବ ଶଙ୍କର ଉଲାକା, ସଂପାଦକ ଦେବାଶିଷ ପଣ୍ଡା, କାଳୀରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ୧୦ହଜାରରୁ ଉର୍ଦ୍ଧ୍ୱ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଡଙ୍ଗରିଆ କନ୍ଧଙ୍କ କପଡାଗୁନ୍ଦା ଶାଲ ଓ ଲାଞ୍ଜିଆ ସୌରାଙ୍କ ଇଡିଟାଲ ଚିତ୍ରକଳା ସ୍ମୃତିର ସନ୍ତକ ରୂପେ ପ୍ରଦାନ କରାଯାଇଥିଲାଓ

# ଓଡ଼ିଶାରେ ପହଞ୍ଚିଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୨।୨(ନି.ପ୍ର.): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ଦିନିଆ ଓଡିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ସେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଛନ୍ତି। ମହାମହିମଙ୍କ ସ୍ୱାଗତ ପାଇଁ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ବରିଷ୍ଠ ନେତା ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ବିମାନ ବନ୍ଦରରେ ପହଞ୍ଚି ଥିଲେ। ମହାମହିମ ଆଜି ଲୋକଭବନରେ ରାତ୍ରିଯାପନ କରିବେ।

ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୩ ତାରିଖ ସକାଳେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ବାୟୁସେନା ହେଲିକପ୍ଟର ଯୋଗେ ଯାଜପୁର ନୂଆ ପ୍ରଶାସନିକ ଭବନ ଗ୍ରାଉଣ୍ଡ ହେଲିପ୍ୟାଡ଼ରେ ଅବତରଣ କରିବେ। ସେଠାରୁ ମା' ବିରଜାଙ୍କ ଦର୍ଶନ ପାଇଁ ଯିବେ। ପ୍ରାୟ ଦେଢ଼ ଘଣ୍ଟା ଧରି ମନ୍ଦିରରେ ପୂଜାର୍ଚ୍ଚନା କରିବେ। ସେଠାରୁ ବାଲେଶ୍ୱର ଯାଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। କାର୍ଯ୍ୟକ୍ରମ ଶେଷ ପରେ ଅପରାହ୍ଣ ପ୍ରାୟ ୩ଟା ୫୦ରେ ପୁରୀ ଅଭିମୁଖେ ବାହାରିବେ। ସନ୍ଧ୍ୟାରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଳତି ଦର୍ଶନ ସହ ପିଣ୍ଡଦାନ କରିବେ। ପୁରୀ ଲୋକଭବନରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଫେବୃଆରି ୪ ତାରିଖ ସକାଳ ୯ଟାରେ ପୁରୀ ହେଲିପ୍ୟାଡ଼ରୁ ବାହାରି ପୂର୍ବାହ୍ଣ ୧୦ଟା ୪୦ରେ ମୟୂରଭଞ୍ଜଜିଲ୍ଲା ରାଇରଙ୍ଗପୁର ହେଲିପ୍ୟାଡ଼ରେ ପହଞ୍ଚିବା ପରେ ମହୁଲଡିହସ୍ଥିତ ହଲିଡେ ହୋମ୍ର ଉଦ୍ଘାଟନ କରିବେ। ରାଇରାଙ୍ଗପୁର ମହୁଲଡିହସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭଞ୍ଜବୀର ସୁନାରାମ ସୋରେନ୍ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ସେଠାରେ କ୍ରୀଡ଼ା କମ୍ପ୍ଲେକ୍ସ ଲୋକାର୍ପଣ ସହ ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବେ। ୬ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଅପରାହ୍ଣରେ ଭୁବନେଶ୍ୱର ଫେରିବା ସହ ହୋଟେଲ ମେ' ଫେୟାରରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖ ସକାଳୁ ଭୁବନେଶ୍ୱରରୁ ଛତିଶଗଡ ଅଭିମୁଖେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଯାତ୍ରା କରିବେ ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିସହିତ ଟ୍ରାଫିକ୍ କଟକଣା ଜାରି କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୩୦ ପ୍ଲାଟୁନ୍ରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯିବ। ସ୍ୱତନ୍ତ୍ର ୟୁନିଟ୍, ଆଣ୍ଟି ଡ୍ରୋନ୍ ଟିମ୍, ଆଣ୍ଟି ସାବୋଟାଇଜ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ ହେବେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ସମସ୍ତ ହୋଟେଲ, ଲଜ୍ଙ୍କ ଯାଞ୍ଚ କରାଯାଇଥିବା ବେଳେ ସହରରେ ରୁଟ୍ ପ୍ଲାନ୍ କରାଯାଇଛି। ଏନେଇ ଆଜି କେନ୍ଦ୍ରାଞ୍ଚଳ ଆଇଜି ପୁରୀରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

# ରେଳବାଇରେ ଓଡ଼ିଶାକୁ ୧୦,୯୨୮ କୋଟି

ଭୁବନେଶ୍ୱର, ୨।୨(ନି.ପ୍ର.): କେନ୍ଦ୍ର ରେଳ ବଜେଟରେ ୧୦,୯୨୮ କୋଟି ଟଙ୍କାର ବ୍ୟୟବରାଦ ସହିତ ଓଡ଼ିଶାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିଛି, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ଘୋଷଣା କରିଛନ୍ତି।



ମାଲେସିଆର ମୋଟ ରେଳ ଟ୍ରାକ୍ ଲମ୍ବକୁ ଅତିକ୍ରମ କରିଛି। ଏହି ସଫଳତା ଓଡ଼ିଶାର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏନେଇ ଧନ୍ୟବାଦ ମଧ ଦେଇଛନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ବେଶ ଭଲ କାମ କରୁଛି ବୋଲି ରେଳମନ୍ତ୍ରୀ କହିଛନ୍ତି।

ପୂର୍ବ-ପଶ୍ଚିମ କରିଡର ଓଡ଼ିଶାର ଶିଳ୍ପ ଦୃଶ୍ୟପଟକୁ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି। ଉନ୍ନତ ସଂଯୋଗୀକରଣ ନିବେଶକୁ ଏହା ଆକର୍ଷିତ କରିବ, ସାମଗ୍ରୀର ଦ୍ରୁତ ପରିବହନକୁ ସହଜ କରିବ ଏବଂ ରାଜ୍ୟର ଆର୍ଥିକ ବିକାଶକୁ ସମର୍ଥନ କରିବ। ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ଏହି କରିଡରରୁ

ମନ୍ତ୍ରୀ କହିଛନ୍ତି ଯେ ପୂର୍ବ-ପଶ୍ଚିମ କରିଡର ଓଡ଼ିଶା ପାଇଁ ଏହା ପ୍ରମୁଖ ଲାଭ ଆଣିବ। ଏହି କରିଡର ଓଡ଼ିଶା ଦେଇ ଗତି କରିବ ଏବଂ ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟକୁ ସଂଯୋଗ କରିବ। ଏହି ଯୋଗାଯୋଗ ଏବଂ ଲଜିଷ୍ଟିକ୍ସକୁ ଉନ୍ନତ କରି ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ରେଳ ମନ୍ତ୍ରୀ ଆହୁରି ମଧ କହିଛନ୍ତି ବିଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ଉଲ୍ଲେଖନୀୟ ରେଳ ପ୍ରସାରଣ ହୋଇଛି। ରାଜ୍ୟ ୨,୨୦୦ କିଲୋମିଟର ନୂତନ ଟ୍ରାକ୍ ଯୋଡିଛି, ଯାହା ଓଡ଼ିଶାର ଶିଳ୍ପଗୁଡ଼ିକ ପ୍ରଚୁର ଲାଭ ପାଇବେ, ରାଜ୍ୟକୁ ଭାରତର ରେଳ ନେଟୱାର୍କରେ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବ।ରବିବାର ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଦେଶରେ ୭ଟି ହାଇସ୍ପିଡ ରେଲୱେ କରିଡର ନିର୍ମାଣ ହେବ। ବାରଣାସୀ-ସିଲିଗୁଡ଼ି, ଦିଲ୍ଲୀ-ବାରଣାସୀ, ମୁମ୍ବାଇ-ପୁନେ, ବେଙ୍ଗାଲୁର-ଚେନ୍ନାଇ, ପୁନେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁର, ହାଇଦ୍ରାବାଦ-ଚେନ୍ନାଇ ହାଇସ୍ପିଡ ରେଲୱେ କରିଡର ହେବ। ଛୋଟ ସହରରେ ତୀର୍ଥସ୍ଥଳକୁ ବିକଶିତ କରାଯିବ।

## 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ପ୍ରଗତି ପଥକୁ ପ୍ରଶସ୍ତ କରିବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୨(ନି.ପ୍ର.) ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓଡ଼ିଶାର ପ୍ରଗତି ଓ ଭିତ୍ତିଭୂମି ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶାର ରେଳ ଭିତ୍ତିଭୂମିର ସର୍ବାଙ୍ଗୀନ ବିକାଶ ପାଇଁ ୧୦,୯୨୮ କୋଟି ଟଙ୍କାର ଐତିହାସିକ ଅନୁଦାନ ପ୍ରଦାନ କରାଯାଇଛି, ଯାହା 'ପୂର୍ବୋଦୟ ମିଶନ' ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ରେକର୍ଡସଂଖ୍ୟକ ଅନୁଦାନ ରାଜ୍ୟର ପ୍ରଗତି ପଥକୁ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ରେକର୍ଡସଂଖ୍ୟକ ଅନୁଦାନ ପାଇଁ ଶ୍ରୀ ପ୍ରଧାନ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ମୋଦୀ ସରକାରଙ୍କ ସମୟରେ ଓଡ଼ିଶାକୁ ମିଳିଥିବା ଏହି ଅନୁଦାନ ୨୦୦୯-୧୪ ମସିହା କଂଗ୍ରେସ ସରକାର ତୁଳନାରେ ହାରାହାରି ୧୩ ଗୁଣ ଅଧିକ । ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଗତ ୧୧ ବର୍ଷରେ ରାଜ୍ୟରେ ୨,୨୦୦ କିମିର ନୂଆ ରେଳ ଟ୍ରାକ୍ ନିର୍ମାଣ ହୋଇସାରିଛି, ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ନେଟୱର୍କଠାରୁ ମଧ୍ୟ ଅଧିକ । ଏଥିସହିତ ଓଡ଼ିଶା ଏବେ ଶତପ୍ରତିଶତ ରେଳ ବିଦ୍ୟୁତୀକରଣର ଗୌରବ ହାସଲ କରିଛି, ଯାହା ମୋଦୀ ସରକାରଙ୍କ 'ସେବା ଓ ସୁଶାସନ'ର ଏକ ଜ୍ୱଳନ୍ତ ଉଦାହରଣ । ସେ ଆହୁରି କହିଛନ୍ତି, ଓଡ଼ିଶାରେ 'ଅମୃତ ଷ୍ଟେସନ ଯୋଜନା' ମାଧ୍ୟମରେ ୨,୪୩୯ କୋଟି ଟଙ୍କା ବ୍ୟୟରେ ୫୯ଟି ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏହା ମଧ୍ୟରୁ କଟକ, ତାଳଚେର, ବାରିପଦା, ବରପାଲି, ବିମଳାଗଡ଼ ଓ ପାରଳାଖେମୁଣ୍ଡିରେ ୬ଟି ଷ୍ଟେସନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି । ରାଜ୍ୟରେ ଚଳାଚଳ କରୁଥିବା ୬ଟି ବନ୍ଦେ ଭାରତ ଓ ୬ଟି ଅମୃତ ଭାରତ ଏକ୍ସପ୍ରେସ ଯାତ୍ରୀ ପରିବହନ ସେବାକୁ ଅଧିକ ସୁଗମ କରିଛି ।

# କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ମିଳିବ ନୂଆ ୟୁନିଫର୍ମ, ପରିଚୟପତ୍ର

ଭୁବନେଶ୍ୱର, ୨।୨(ନି.ପ୍ର.): ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ଆଜି ମିସନ ଶକ୍ତି ଭବନ, ଭୁବନେଶ୍ୱର ଠାରେ 'ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ' କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, 'ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ୍ ଉପରେ କାମ କରୁଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି।



ବ୍ୟାଙ୍କ ଋଣ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଏହା ସହ ଋଣରେ ସୁଧ ଭାର କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି।ଆଜିର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ୨,୮୦,୫୮୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷ ରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗମାନଙ୍କୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସଂପ୍ରସାରଣ ଓ ସି ମାର୍ଟ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ଲେବଲରେ ମହିଳା ସଶକ୍ତିକରଣକୁ ଏକ ସୁଦୃଢ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି କରିଥିବା ଘୋଷଣାର ସେ ପୁନରାବୃତ୍ତି କରିଛନ୍ତି।






# କଂସ ବଧ ସହିତ ୩୫ ତମ ଖଣ୍ଡୋକଟା ଧନୁଯାତ୍ରା ମହୋତ୍ସବ ସମ୍ପନ୍ନ



କୁଚିଣ୍ଡା,୨।୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ରେ ଚାଲିଥିବା ୩୫ ତମ ଧନୁଯାତ୍ରା ମହୋତ୍ସବ ର ସମାପନ ହୋଇଯାଇଛି । ଚାରି ଦିନ ଧରି ମହାସମାରୋହରେ ଚାଲିଥିବା ଏହି ଧନୁଯାତ୍ରା ମହୋତ୍ସବ ବରଗଡ଼ ଧନୁଯାତ୍ରା ପରେ ପରେ ଏହି ଯାତ୍ରା ଚର୍ଚ୍ଚା ଜୋର ଧରିଥାଏ । ଏହି ଅବସରରେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ମାନିତ ଭାବେ ଭାଜପା ସମ୍ବଲପୁର ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ସୁଶିଲ କର, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରୀ ନାଏକ, ଧନୁଯାତ୍ରା ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ ଏବଂ ଧନୁଯାତ୍ରା ର ପ୍ରମୁଖ କର୍ମକର୍ତ୍ତା ମଞ୍ଚରେ ରାଜକୀୟ ଅତିଥି ଭାବେ ମଞ୍ଚାସୀନ ରହି ମଥୁରା କଟକର ଅଞ୍ଚଳ ବାସୀଙ୍କୁ ସମ୍ବୋଧିତ କରିଥିଲେ । ଏହା ସହିତ ଏହି ଧନୁଯାତ୍ରା ମହୋତ୍ସବ ର ଉନ୍ନତି କାମନା କରିଥିଲେୟ ଶେଷ ଦିନ ଅବସରରେ ମହାରାଜାଙ୍କ ରଂଗ ସଭା ପରେ ଅକ୍ରୁର ଙ୍କ ସହିତ ଶ୍ରୀକୃଷ୍ଣ ବଳରାମ ଙ୍କ ଆ।ଗମନ କୁବୁଜା ଉଦ୍ଧାର, ଅଷ୍ଟମଲ୍ଲ ଯୁଦ୍ଧ, ସମସ୍ତ ଅସୁର ଗଣ ପରାସ୍ତ ଏବଂ ଶେଷରେ କଂସ ବଧ ସହିତ ଅସତ୍ୟ ଉପରେ ସତ୍ୟର ଜୟ,ଅଧର୍ମ ଉପରେ ଧର୍ମ ର ଜୟ,ଅନ୍ୟାୟ ଉପରେ ନ୍ୟାୟର ଜୟ ହୋଇଥିଲା ଏବଂ ଏହା ସହିତ ଉଗ୍ରସେନ ଙ୍କ ରାଜ୍ୟାଭିଷେକ ଓ ଧର୍ମ ରାଜ୍ୟ ପ୍ରତିଷ୍ଠା ଆ।ଦି ନାଟକ ପରିବେଷିତ ହୋଇ ଧନୁଯାତ୍ରା ସମ୍ପନ୍ନ ହୋଇଥିଲା । ଯାତ୍ରା ରେ କୁଚିଣ୍ଡା ଅଞ୍ଚଳ ତଥା ଆ।ଖପାଖର ଜିଲ୍ଲା ମାନଙ୍କ ରୁ ମଧ୍ୟ ଲୋକଙ୍କର ସମାଗମ ଦେଖିବାକୁ ମିଳିଥିଲା । ଏହି ପରିପ୍ରେକ୍ଷିରେ ଅନେକ ଦୋକାନ ବଜାର ସାଙ୍ଗକୁ ଲୋକେ ପଲ୍ଲିଶ୍ରୀ ମେଳା ର ଆ।ନନ୍ଦ ନେଇଥିଲେ ।

# କୁଚିଣ୍ଡା କୁସୁମୀରେ ବିଶ୍ୱ କୈବଲ୍ୟ ଘୃତ ଶାନ୍ତି ଯଜ୍ଞର ୧୩ ତମ ବାର୍ଷିକ ଉତ୍ସବ

କୁଚିଣ୍ଡା,୨।୨:(ମନ୍ଥନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ପଣ୍ଡିଆ।ଡିପା ଠାରେ ବିଶ୍ୱ କୈବଲ୍ୟ ଘୃତ ଶାନ୍ତି ଯଜ୍ଞର ୧୩ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଶ୍ ଭାତୃବ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆ।ଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା କଟକ ଆ।ନୁକୁଲ୍ୟରେ କୁସୁମୀ କେନ୍ଦ୍ର ସ୍ଥିତ ପଣ୍ଡିଆ।ଡିପା ରେ ଗତ ୨୦୧୩ ରେ ଏକ ବିରାଟ ମହାଯଜ୍ଞ ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ର ଙ୍କ ନିତି ଆ।ଦର୍ଶ ଏବଂ ତାଙ୍କ ନିର୍ଦ୍ଦେଶରେ ତାଙ୍କର ଆ।ନୁଗତ୍ୟ ସ୍ଥାନୀୟ ତଥା ଅଞ୍ଚଳର ସମସ୍ତ ଗୁରୁଭାଇ ଭଉଣୀ ମାନଙ୍କୁ ନେଇ ୫ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଉକ୍ତ ଯଜ୍ଞରେ ଠାକୁର ଶ୍ରୀ କେଶବ ଚନ୍ଦ୍ର ଙ୍କ ପାଦୁକା କୁ ଘୃତ ରେ ସ୍ନାନ କରାଯାଇଥିଲା । ଏହି ପରିପ୍ରେକ୍ଷିରେ ସେ ସମୟର ହୋଇଥିବା ଯଜ୍ଞରେ ଓଡ଼ିଶାର ଅଲଗା ଅଲଗା ଅଞ୍ଚଳର ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା । ଏବଂ ଏହି ଦିନଟିକୁ ମନେ ରଖିବା ପାଇଁ ପ୍ରତିବର୍ଷ ମାଘମାସ ଶୁକ୍ଲ ପକ୍ଷ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଉକ୍ତ ଯଜ୍ଞର ବାର୍ଷିକ ଉତ୍ସବ ପାଳନ କରାଯାଏ । ଏଥିରେ



ପାଞ୍ଚୋଟି ମଣ୍ଡପ ତଥା ଯଜ୍ଞମଣ୍ଡପ, ନାମ ମଣ୍ଡପ, ସତସଙ୍ଗ ମଣ୍ଡପ,ସ୍ନାନ ମଣ୍ଡପ ଏବଂ ଅର୍ଣ୍ଣ ଭୋଗ ମଣ୍ଡପ ରହିଥିଲା । ପ୍ରତ୍ୟେକ ମଣ୍ଡପରେ ପ୍ରତ୍ୟହ ପୂଜା ଏବଂ ସନ୍ଧ୍ୟାରେ ସତସଙ୍ଗ ଓ ନାମ ମଣ୍ଡପରେ ମହା ମନ୍ତ୍ର ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା । ପୂର୍ଣ୍ଣିମା ଦିନ ସ୍ନାନ ମଣ୍ଡପରେ ଗୁରୁ ଭାଇଭଉଣୀ ତଥା ଭକ୍ତ ମାନଙ୍କ ଦ୍ୱାରା ଘୃତରେ ଠାକୁରଙ୍କର ଭବ୍ୟ ପାଦୁକା ସ୍ନାନ ଅନୁଷ୍ଠିତ ହୋଇଥିଲା । ଧାଡ଼ିରେ ଛିଡ଼ା ହୋଇ ଭକ୍ତ ମାନେ ଶାନ୍ତି ଶୃଙ୍ଖଳା ର ସହିତ ସ୍ନାନ କରାଇଥିଲେ । ଭକ୍ତ ଙ୍କ କହିବା ଅନୁଯାୟୀ ବିଶ୍ୱରେ ଭାତୃତ୍ୱ ରକ୍ଷାକରି ସନାତନ ଧର୍ମ ପ୍ରତିଷ୍ଠା କରିବା ତାଙ୍କ ଏକାନ୍ତ ଲକ୍ଷ୍ୟ ବୋଲି କହିଥିଲେ । ଏଥିରେ ଦୂର ଦୂରଦୂରାନ୍ତରୁ ଅନେକ ଭାଇଭଉଣୀଙ୍କ ସମାଗମ ହୋଇଥିଲା। ଏଥିରେ ମୁଖ୍ୟ ଭାବେ ଉପଦେଷ୍ଟା ରବିନାରାୟଣ ମିର୍ଦ୍ଧା, ଜିଲ୍ଲା ଆ।ବାହକ ଚିତ୍ରସେନ ଦିହିରିଆ।, ଜିଲ୍ଲା ସହ ପରିଚାଳକ ଦିନେଶ କୁମାର ଭଞ୍ଜ, କୁସୁମୀ ଶାଖା ପରିଚାଳକ ଅମୃତ ନାଏକ, ଯଜ୍ଞ କମିଟିର ସଭାପତି ଶ୍ରୀଧର ପାତ୍ର, ସମ୍ପାଦକ ହେମନ୍ତ ଧୁରୁଆ। ପ୍ରମୁଖ ଏବଂ ଅଞ୍ଚଳର ସମସ୍ତ ଗୁରୁ ଭାଇଭଉଣୀ ମାନେ ସାମିଲ ହୋଇଥିଲେ ।

# କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୨।୨:(ମନ୍ଥନ)ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ କଲ୍ୟାଣକାରୀ ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞ କଳସଯାତ୍ରା ଓ ଯଜ୍ଞ ଆହୂତି ଶୁଭାରମ୍ଭ ହୋଇଯାଇଛି । ଏଥିରେ ସପ୍ତାହ ବ୍ୟାପି ଅନ୍ନଯଜ୍ଞ, ସେବାଯଜ୍ଞ, ନାମଯଜ୍ଞ,ଘୃତଯଜ୍ଞ ଓ ଜ୍ଞାନଯଜ୍ଞ ପରି ପଞ୍ଚ ମହାଯଜ୍ଞ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଅଛି । ଏହି ଯଜ୍ଞରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା କରାଯାଇଛି । ଏଥିସହିତ ମା'ମାନଙ୍କୁ ଆଧ୍ୟାତ୍ମିକତା ସହ ଯୋଡିବା ନିମନ୍ତେ ଆବଶ୍ୟକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି ଯଜ୍ଞରେ ବହୁ ସାଧୁସନ୍ଥ, ସମ୍ମାନସ୍ପଦ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ



ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ମହାନଯଜ୍ଞରେ ସମସ୍ତେ ଉପସ୍ଥିତ ରହି ବିଭୁକୃପା ଲାଭ କରିବାକୁ ଆଶ୍ରମ ପକ୍ଷରୁ ବାବାଜୀ ନୃସିଂହନାଥ ଦାସ ନିବେଦନ କରିଛନ୍ତି।

# ଶ୍ରୀବଳଦେବଜୀଉଙ୍କ କନ୍ଦରାସୁର ବଦ୍ଧ ବେଶ

କେନ୍ଦ୍ରାପଡ଼ା,୨।୨:(ମନ୍ଥନ)କନ୍ଦରାସୁର ବଧ ବେଶରେ ଦର୍ଶନ ଦେଲେ ତୁଳସୀକ୍ଷେତ୍ରାଧିପତି ମହାପ୍ରଭୁ ଶ୍ରୀବଳଦେବଜୀଉ। ଆଜି ପବିତ୍ର ମାଘ ପୂର୍ଣ୍ଣିମାରେ ଆରାଧ୍ୟ ଦେବତା କନ୍ଦରାସୁର ବଧ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜୀଉଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଜୀଉଙ୍କୁ ମାଠ ଏବଂ ମଉଳି ପିନ୍ଧା ଯାଇ ସୋଲ ମଣ୍ଡନ ଦିଆଯାଇ ହସ୍ତ, ଶ୍ରୀପୟର ଏବଂ ହସ୍ତରେ ହଳ ମୁଷଳ ଦ୍ୱାରା ଦାନବ ସୁର କନ୍ଦରାସୁର ନିଧନ ବେଶ ଭକ୍ତଙ୍କୁ ଆକର୍ଷିତ କରିଥିଲା। ଏହି ବେଶ ଦେଖିବା ଲାଗି ରାତି ତମାମ ଭିଡ଼ ଲାଗି ରହିଥିଲା। ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ହୋଇ ଅନ୍ୟ ନୀତି କାନ୍ତି କରାଯାଇଥିଲା। ପୌରାଣିକ ତଥ୍ୟ ଅନୁଯାୟୀ ଦାନବ ସୁର କନ୍ଦରାସୁର ଲଳିତ ଗିରିରେ ବାସ କରୁଥିଲା। ପ୍ରବଳ ପ୍ରତାପୀ ଥିଲା। ଧର୍ମ କାର୍ଯ୍ୟରେ ବାଧା ଦେଉଥିଲା। ପ୍ରଭୁ ବଳରାମ ତିର୍ଥ ସମ୍ପନ୍ନ ସାରି ସେହି ଅଞ୍ଚଳରେ ପହଞ୍ଚିଥିଲେ। ଋଷି ମୁନିଙ୍କ ଠାରୁ ସବୁ ଜାଣିବାକୁ ପାଇଥିଲେ। ଏହାପରେ ପ୍ରଭୁ ବଳରାମ ଅସୁରକୁ ଯୁଦ୍ଧ ଆହ୍ୱାନ ଦେଇଥିଲେ। ପ୍ରଭୁଙ୍କ ହସ୍ତରେ ଅସୁର କନ୍ଦରାସୁର ନିଧନ ହୋଇଥିଲା। ଅସୁର କନ୍ୟା ତୁଳସୀ ପ୍ରଭୁ ବଳରାମଙ୍କ ନିକଟରେ ଗୁହାରି କରିଥିଲା ପତ୍ନୀ ଭାବରେ ତାଙ୍କୁ ଗ୍ରହଣ କରିବାକୁ। ପ୍ରଭୁ ତୁଳସୀଙ୍କୁ ପତ୍ନୀ ଭାବରେ ଗ୍ରହଣ କରିଥିଲେ।

# ଆଦିବାସୀଙ୍କ ସୋରିଷବଣ୍ଡେଲ ଗାଁ ପ୍ରତି କେବେ ଦୃଷ୍ଟି ଦେବେ ବ୍ଲକ ଓ ଜିଲ୍ଲା ପ୍ରଶାସନ

ଥୁଆମୂଳ ରାମପୁର,୨।୨:(ମନ୍ଥନ) ସ୍ୱାଧୀନତା ର ଦୀର୍ଘବର୍ଷ ପରେ ମଧ୍ୟ ଏହି ଗ୍ରାମବାସୀ ସାମାନ୍ୟ ମୌଳିକ ଅଧିକାର ରୁ ବଞ୍ଚିତ ହେଉଛନ୍ତି ଏହା ବ୍ଲକ ଓ ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧି ସମସ୍ତଙ୍କ ପାଇଁ ଏକ ଲଜ୍ୟାର ବିଷୟ ହୋଇପଡିଛି । ବର୍ଷ ପରେ ବର୍ଷ ଗଡି ଚାଲିଛି ବ୍ଲକ ପ୍ରଶାସନ କେବଳ ବାହା ବାହା ନେଉଛନ୍ତି ଆ।ମେ ବିକାଶ କରି ଚାଲିଛୁ କିନ୍ତୁ ବାସ୍ତବରେ ଦୁର୍ଗମ ଅଞ୍ଚଳ ପାଇଁ ଯେଉଁ ମୋଟା ଅଙ୍କର ଅନୁଦାନ ଆ।ସୁଛି ତାହା ବାଟ ମାରଣା ହୋଇ ନେତା,ମନ୍ତ୍ରୀ ଓ ସରକାରୀ ବାବୁ ମାନଙ୍କ ପକେଟ୍ ପାଇଁ ଭାଗବ ଣ୍ଟା ରେ ନିଅ ଣ୍ଟ । ସେଥିପାଇଁ ଏହି କଳାହାଣ୍ଡି ଜିଲ୍ଲା ଥୁଆ।ମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତ ର ସୋରିଷବଣ୍ଡେଲ ଗାଁ ଦୀର୍ଘ ୭୦ ରୁ ୮୦ ବର୍ଷର ଅତି ପୁରୁଣା ଗ୍ରାମ ହୋଇ ଥିଲେ ମଧ୍ୟ ମୌଳିକ ଅଧିକାର ରୁ ବଞ୍ଚିତ ହେଉଛନ୍ତି । ସେହି ଦୁର୍ଗମ ସୋରିଷବୋଣ୍ଡେଲ ଗ୍ରାମକୁ ପଞ୍ଚାୟତ କର୍ମକର୍ତ୍ତା ଜାଉଛନ୍ତି ନା ବ୍ଲକ କର୍ମକର୍ତ୍ତା ଯାଇ ଦୁଃଖ ଶୁଣୁଛନ୍ତି କିମ୍ବା ଜନପ୍ରତିନିଧି ମାନେ ମଧ୍ୟ ପଦକ୍ଷେପ ଗ୍ରହଣ





କରୁନଥିବା ଅଭିଯୋଗ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସେହି ଗ୍ରାମରେ ନାଆଁ ଅଛି ଗ୍ରାମର ପଚ୍ଚା, ନା ରାସ୍ତାଘାଟ ବୋଲି କିଛି ନାହିଁ। ଏବେ ମଧ୍ୟ ଗ୍ରାମର ଲୋକେ ଡିବିରି ଆ।ଲୁଅ ରେ ଦିନ କାଟୁଛନ୍ତି । ଜଙ୍ଗଲ ରାସ୍ତା ବାଟରେ ଦୁଇଟି ଝରଣା ପାଣି ଡେଇଁ ତିନି ରୁ ପାଞ୍ଚ କିଲୋମିଟର ଗଲେ ଯାଇ ଏଠିକାର ଛାତ୍ର ଛାତ୍ରୀ ସ୍କୁଲ ପହଞ୍ଚିପାରୁଛନ୍ତି । ବର୍ଷା ଦୁଇ ମାସ ନାଳ ପାଣି ଯୋଗୁଁ ଯାଇପାରୁ ନାହାନ୍ତି । ଗାଁ ର ଲୋକେ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ କି ଗର୍ଭବତୀ ମହିଳା ଯନ୍ତ୍ରଣା ଅନୁଭବ କଲେ ତିନି କିଲୋମିଟର ଖଟିହା ରେ ବୋହିନେଲେ ଯାଇ ଆ।ମ୍ବୁଲାନ୍ସ ସେବା ମିଳିପାରେ । ଆ।ଉ ବାକି ସରକାରୀ ଯୋଜନା ସାତସପନ । ଏହି ସବୁ ଅସୁବିଧା ବିଷୟରେ ବାରମ୍ବାର ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ଶୁଣୁନଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏହି ଗ୍ରାମର ଆ।ଦିବାସୀ କେବେ ସାମାନ୍ୟ ମୌଳିକ ଅଧିକାର ପାଇବେ ବ୍ଲକ ପ୍ରଶାସନ କେବେ ଯାଇ ଦୁଃଖ ଦୂର କରିବେ ସମୟ କହିବ ।

# ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ୨୦୦୦ ମସିହା ମାଟ୍ରିକ ବ୍ୟାଚ୍ ର ବନ୍ଧୁ ମିଳନ

ପିପିଲି,୨।୨:(ମନ୍ଥନ)ପିପିଲି ବ୍ଲକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ୨୦୦୦ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀ ଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨୫ ବର୍ଷ ପରେ ସମସ୍ତ ସାଥୀ ଏକାଠି ହୋଇଥିବାରୁ ଭାବର ଆ।ଦାନପ୍ରଦାନ ହୋଇଥିଲା । ଏହି ବ୍ୟାଚର ସାଥୀମାନେ ଉତ୍ତରା ଉପକଣ୍ଠ ଧଉଳି ଗାର୍ଡେନ ଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା । । ସାଙ୍ଗ ସାଥୀ ଓ ପରିବାର ବର୍ଗଙ୍କୁ ମିଶାଇ ମୋଟ୍ ୩୫୦ ରୁ ଉର୍ଦ୍ଧ ବ୍ୟକ୍ତି ଏଥିରେ ଯୋଗଦେଇଥିଲେ । ୬ଜଣ ସହପାଠୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଅମର ଆ।ତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରଶାନ୍ତ ପ୍ରଧାନ,ସଞ୍ଜୟ ସାହୁ,ସୁରେଶ ମଲ୍ଲିକ,ମହେନ୍ଦ୍ର ପ୍ରଧାନ,କିଶୋର ଦାସ,ସତ୍ୟ ସୁନ୍ଦର ନାୟକ, ପିନାକି ମହାନ୍ତି,କୁନି ଦାସ ଏବଂ ଅନ୍ୟ ସମସ୍ତ ସାଙ୍ଗସାଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବନ୍ଦର ଅଧକ୍ଷଙ୍କ ଦ୍ୱାରା ସାଇ ନିର୍ମଳ ଝର ପ୍ରକଳ୍ପ ଉଦଘାଟିତ

ପାରାଦୀପ,୨।୨:(ମନ୍ଥନ)ପାରାଦୀପ ଉପକଣ୍ଠ ସ୍ଥିତ ବିଶ୍ୱାଳୀ ଗ୍ରାମରେ ରବିବାର ଦିନ 'ସାଇ ନିର୍ମଳ ଝର ପ୍ରକଳ୍ପ' ଉଦଘାଟିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରାଧିକରଣ ଅଧକ୍ଷ ପି.ଏଲ.ହରନାଦ ଙ୍କ କରକମଳରେ ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦଘାଟିତ ହୋଇଥିଲା । ପାରାଦୀପ ବନ୍ଦର ସିଏସଆ।ର କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପ୍ରକଳ୍ପ ଉଦଘାଟନୀ କାର୍ଯ୍ୟକ୍ରମରେ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା ପୂର୍ବ ମଣ୍ଡଳ ସଭାପତି, ରାଜ୍ୟ ସଭାପତି,ରାଜ୍ୟ ଆ।ବାହକ, ରାଜ୍ୟ ଟ୍ରଷ୍ଟି,





ଜିଲ୍ଲା ସଭାପତି, ଜିଲ୍ଲା ସେବା ସଂଯୋଜକ, ସମିତି ଆ।ବାହକ, ଜିଲ୍ଲାର ବିଭିନ୍ନ ସମିତିର କର୍ମକର୍ତ୍ତା ଭାଇଭଉଣୀ ବୃନ୍ଦ, ବିଭିନ୍ନ ଭଜନ ମଣ୍ଡଳୀର କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟା, ସମାଜସେବୀ, ରାଜନୈତିକ ପ୍ରମୁଖ, ଗ୍ରାମବାସୀ ତଥା ସାଇ ନିର୍ମଳ ଝର ର ହିତାଧିକାରୀମାନେ ଯୋଗଦାନ କରିଥିଲେ । ଏହା ସହିତ ବିଶ୍ୱାଳି ଗ୍ରାମର ଏହି କାର୍ଯ୍ୟକ୍ରମରେ ଶଙ୍ଖ, ହୁଳହୁଳି, ସଙ୍କୀର୍ତ୍ତନ ମଣ୍ଡଳୀ, ଘୋଡ଼ା ନାଚ,ନଉଡି ଖେଳ ଓ ଆ।ତସବାଜି ଶବ୍ଦରେ ଅତିଥିମାନଙ୍କୁ ଶୋଭାଯାତ୍ରାରେ ନିଆ।ଯାଇ, ବିଶ୍ୱାଳି ଗ୍ରାମର ଶ୍ରୀ ଶ୍ରୀ ବିଶ୍ୱବିହାରୀ ଓ ମା' ଲକ୍ଷ୍ମୀ ଙ୍କ ମନ୍ଦିର କୁ ବନ୍ଦର ଅଧକ୍ଷ ପରିଦର୍ଶନ କରିଥିଲେ ।

# ଆମ ପୋଲିସ ସମିତି ପକ୍ଷରୁ ରକ୍ତଦାନ ଶିବିର

କାକଟପୁର,୨।୨:(ମନ୍ଥନ)ପୁରୀ ଜିଲ୍ଲା କାକଟପୁର ଥାନା ଆ।ମ ପୁଲିସ ସମିତି ଓ ଶିକ୍ଷାର ବିକାଶ ଏଜୁକେଶନାଲ ଟ୍ରଷ୍ଟର ମିଳିତ ଆ।ନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର କାକଟପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ନିମାପଡା ଏସଡ଼ିପିଓ ଜନାର୍ଦ୍ଦନ ପାଢ଼ୀ, କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ, ଶିକ୍ଷାର ବିକାଶ ଏଜୁକେଶନାଲ ଟ୍ରଷ୍ଟର ମୁଖ୍ୟ ଦିବ୍ୟରଞ୍ଜନ ସାହୁ, କାକଟପୁର ଥାନା ଆ।ଇଆ।ଇସି ବସନ୍ତ କୁମାର ସାହୁ, କଟକ ରେଡ୍‌କ୍ରସ ର ନିର୍ଦ୍ଦେଶକ ଡଃ ଚନ୍ଦ୍ରିକା ପ୍ରସାଦ ଦାଶ, ପୁରୀର ଆ।ଡିସିନାଲ ପବ୍ଲିକ ହେଲଥ ଅଫିସରଦ ରଥ, କାକଟପୁରର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିବାବେଳେ କାକଟପୁର ଅଞ୍ଚଳର ସମସ୍ତ ସାମ୍ବାଦିକ ବନ୍ଧୁ, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ,ବ୍ୟବସାୟୀ, ମିଶନ ଶକ୍ତି ମହିଳା, ଯୁବକ ଏବଂ ବିଭିନ୍ନ ଶ୍ରେଣୀର ଲୋକମାନେ ରକ୍ତଦାନ କରିବା ସହିତ ସହଯୋଗ କରିଥିଲେ । ଏହି ଶିବିରରେ ପ୍ରାୟ ୧୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ କଟକ ରେଡକ୍ରସର ଏକ ଡାକ୍ତରୀ ଟିମ ରକ୍ତ ସଂଗ୍ରହ କରିଥିଲେ । ଥାଲାସେମିଆ। ରୋଗୀମାନଙ୍କ ନିମନ୍ତେ ଉକ୍ତ ରକ୍ତଦାନ ଶିବିରର ମୁଖ୍ୟ ଲକ୍ଷ ସହିତ ସାଧାରଣ ଲୋକଙ୍କ ସହିତ ପୋଲିସ ର ସମ୍ପର୍କ ନିବିଡ଼ ରୁ ଆ।ହୁରି ନିବିଡ଼ତର କରିବାପାଇଁ ଏହା ଏକ ପ୍ରୟାସ ବୋଲି ଆ।ୟୋଜକ ମାନେ ସୂଚନା ଦେଇଥିଲେ । କେବିଇଏମ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, କାକଟପୁର ଥାନାର ସମସ୍ତ କର୍ମଚାରୀ, ସାମ୍ବାଦିକ ମାନେ ଶିବିରକୁ ପରିଚାଳନା କରିଥିଲେ । ଏହି ପ୍ରରିପେକ୍ଷୀରେ କାକଟପୁର ଅଞ୍ଚଳର ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ କାକଟପୁର ଥାନା ଆ।ମ ପୁଲିସ ସମିତି ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯାଇଥିବାବେଳେ ସମସ୍ତ ସାମ୍ବାଦିକ ମାନଙ୍କୁ ଆୟୋଜକ ମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସଡ଼କ ସୁରକ୍ଷା ମାସ ଉଦ୍‌ଯାପିତ

ନୟାଗଡ଼,୨।୨:(ମନ୍ଥନ)ସଡକ ସୁରକ୍ଷା ମାସ ୨୦୨୬ ଅବସରରେ ଜାନୁଆ।ରୀ ୧ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ସଡ଼କ ସୁରକ୍ଷା ମାସ ଶନିବାର ନୟାଗଡ଼ ପଠାଣି ସାମନ୍ତ ଅଡିଟୋରିଅମ ଠାରେ ଉଦ୍ୟାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଜିଲାପାଳ ମଧୁମିତା ରଥ ନିଜ ଭାଇଙ୍କ ମୃତ୍ୟୁ ସଡ଼କ ଦୁର୍ଘଟଣାରେ ହୋଇଥିବା କହିଥିଲେ । ଦୁର୍ଘଟଣା ପରେ ବାପା ମଧ୍ୟ ପ୍ରାଣ ହରାଇଲେୟସଚେତନତା ଅଭାବରୁ ସଡ଼କ ଦୁର୍ଘଟଣା ବଢିଚାଲିଛି ବୋଲି କହିଥିଲେ । ଅପରପକ୍ଷେ ଡାକ୍ତର ଶରତ ଚନ୍ଦ୍ର ଦାଶ ଅନୁରୂପ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ଓ ଦର୍ଶକ ହେଲମେଟ ଓ ଶିତ ବେଲ୍ଟ ପିନ୍ଧି ଗାଡି ଚଲାଇବେ ବୋଲି ଶପଥ ନେଇଛନ୍ତି । ଅନ୍ୟପକ୍ଷେ ଅ କ୍ଷେ ଆ।ରଟିଓ ଏବଂ ସ୍ୱାଇଲ ୟାଗଡ଼ ସମାଜସେବୀ ଅନୁଷ୍ଠାନ ଦ୍ୟମରେ ପାଲା ମାଧ୍ୟମରେ ମିଳିତ ଉଦ୍ୟମରେ ବିଭିନ୍ନ ପଞ୍ଚାୟତରେ କରାଯାଇଥିଲା । ପାଲା ସଚେତନ ଗାୟକ ପଣ୍ଡିତ ସୁବାସ ଚନ୍ଦ୍ର ଗ୍ରହାର୍ଯ୍ୟ. ବାୟକ ରଘୁ, ଅର୍ଜୁନ, କାଶୀ ଏବଂ ଟୁକୁ ପାଲା ମାଧ୍ୟମରେ ସଡ଼କ ସୁରକ୍ଷା ମାସର ସଚେତନତା କରିଥିଲେ । ଦୁଇ ଚକିଆ। ଗାଡ଼ି ଚଳାଇବା ସମୟରେ ହେଲମେଟ ପିନ୍ଧିବା, ମୋବାଇଲରେ କଥା ନ ହେବା, ୩ ଜଣ ବସି ନ ଯିବା, ଟ୍ରାଫିକ ନିୟମ ମାନି ଚଳିବା, ୧୮ ବର୍ଷରୁ କମ୍ ପିଲାଙ୍କୁ ବାଇକ ନ ଦେବା ଏବଂ ଚାରିଚକିଆ। ଜା ଜାନ ଚଳାଇବ ସମୟରେ ସିଟ ବେଲ୍ଟ ଲଗାଇବା କାର୍ଯ୍ୟକ୍ରମ ଉପରେ ସଚେତନ ମାଛିପଡ଼ା, ଲାଠିପଡା,ନୟାଗଡ଼ ବଜାର, ବୋଦାପଡ଼ା ପ୍ରଭୃତି ଗାଁ ଗାଁ ବୁଲି ସଚେତନ କରାଯାଇଥିଲା ।

# କେନ୍ଦ୍ର ବଜେଟ୍ ଜନସାଧାରଣଙ୍କ ସ୍ୱାର୍ଥ ବିରୋଧୀ

କେନ୍ଦ୍ରାପଡ଼ା,୨।୨:(ମନ୍ଥନ)ସମଗ୍ର ଦେଶ ସାମ୍ନା କରୁଥିବା ବାସ୍ତବ ଆର୍ଥିକ ସଙ୍କଟକୁ ସମ୍ମୁଖୀନ କରିବାରେ ସରକାର ଅସ୍ୱୀକାର କରିଥିବା ସୁଚାଯାଇଛି । ଯେଉଁ ସମୟରେ ବିଶ୍ୱ ରାଜନୈତିକ, ଅର୍ଥନୈତିକ ଅନିଶ୍ଚିତତା ଓ ବାଣିଜ୍ୟିକ ବାଧା ବୃଦ୍ଧି ପାଉଛି ସେହି ସମୟରେ ଅର୍ଥମନ୍ତ୍ରୀଙ୍କ ଭାଷଣ ଭାରତୀୟ ଅର୍ଥନୀତିକୁ ସୁରକ୍ଷିତ ରଖିବା କିମ୍ବା ଜୀବିକା ସୁରକ୍ଷା କରିବା ପାଇଁ କୌଣସି ସ୍ପଷ୍ଟ ମାର୍ଗଦର୍ଶନ ଦେଇପାରିଲା ନାହିଁ । ସ୍ୱଚ୍ଛତାର ସ୍ଥାନରେ ବଜେଟ୍‌ଟି ଉଦ୍ଦେଶ୍ୟପୂର୍ଣ୍ଣ ଅସ୍ପଷ୍ଟତାରେ ଭରି ରହିଛି। ଅର୍ଥମନ୍ତ୍ରୀ ପ୍ରମୁଖ ଫ୍ଲାଗସିପ୍ ଯୋଜନାଗୁଡ଼ିକ ପାଇଁ ଯୋଜନାଭିତ୍ତିକ ଅର୍ଥବ ଣ୍ଟନ ଦେଖାଇବାରୁ ବିରତ ରହିଲେ। ଯାହା ଅସ୍ୱଚ୍ଛତାକୁ ସୂଚିତ କରିଛି ଏବଂ ଭବ୍ୟ ଘୋଷଣା ଆଳରେ ମହାସଙ୍କଟକୁ ଲୁଚାଇ ସଂସଦ ଓ ଜନସାଧାରଣଙ୍କୁ ଭ୍ରମିତ କରିବାର ଚେଷ୍ଟା କରାଯାଇଛି। ଅର୍ଥନୈତିକ ସମୀକ୍ଷା (ଇକନୋମିକ୍ ସର୍ଭେ)ରେ ନିଜେ ମାନିଛନ୍ତି ଯେ ଭାରତର ଆର୍ଥିକ ଅଭିବୃଦ୍ଧିର ପ୍ରଧାନ ଆଧାର ହେଉଛି ଦେଶୀୟ ଖର୍ଚ୍ଚ (ଡୋମେଷ୍ଟିକ୍ କନସମ୍ପସନ୍) । କିନ୍ତୁ ବଜେଟ୍ ଚାହିଦା ବୃଦ୍ଧି ପାଇଁ କୌଣସି ପଦକ୍ଷେପ ନେଇପାରି ନାହିଁ। ଗ୍ରାମୀଣ ଭାରତରେ ଏହି ବିଫଳତା ସାମାଜିକ କ୍ଷେତ୍ରର ଅବ୍ୟାହତ ଅବହେଳା ଓ ସଂଗଠିତ ଧ୍ୱଂସରେ ସ୍ପଷ୍ଟ ଭାବେ ପ୍ରତିଫଳିତ। ପୂର୍ବବର୍ତ୍ତୀ ଆର୍ଥିକ ବର୍ଷରେ ଗ୍ରାମୀଣ ଜୀବିକା ସୁରକ୍ଷାର ମୂଳ ଆଧାର ଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ଯୋଜନା ଏମଜିଏନଆରଇଜିଏସକୁ ଧିରେ ଧିରେ ଧ୍ୱଂସ କରାଗଲା ଏବଂ ତାହା ସ୍ଥାନରେ ଠିକାଦାର–ନିର୍ଭର 'ଭିଭି ଜି ରାମଜି ଭ୍ରି–ଭି–ଗ୍ରାମଜି ଆଇନ୍ ଆଣାଗଲା। ଯାହା ମଜୁରୀ ରୋଜଗାର, ବିକେନ୍ଦ୍ରୀକରଣ ଓ କାମ କରିବାର ଅଧିକାରକୁ ଦୁର୍ବଳ କରୁଛି। ସହର ଭାରତରେ ମଧ୍ୟ କର୍ମଜୀବୀ ଓ ମଧ୍ୟବର୍ଗ ପାଇଁ ଅର୍ଥପୂର୍ଣ୍ଣ ଆୟକର ରିହାତି ଦେବାକୁ ସରକାର ଅସ୍ୱୀକୃତ କରିଥିବାରୁ ଚାହିଦା ଅବଦମିତ ରହିଛି। କୃଷି ସଙ୍କଟ ଦିନକୁ ଦିନ ଗଭୀର ହେଉଛି। କୃଷକ ଆୟ ସ୍ଥିର କରିବା ପାଇଁ ସବୁଠାରୁ ଆବଶ୍ୟକ ନୀତିଗତ ପଦକ୍ଷେପ ଆଇନସମ୍ମତ ନ୍ୟୂନତମ ସହାୟକ ମୂଲ୍ୟ (ଏମଏସପି) ଗ୍ୟାର ଣ୍ଟି–ପୁନଃ ପୁନଃ ଆଶ୍ୱାସନା ସତ୍ତ୍ୱେ ଏପର୍ଯ୍ୟନ୍ତ ଅଧୁରା ରହିଛି। ସମସ୍ତ କ୍ଷେତ୍ରର ଶ୍ରମିକ ଶ୍ରେଣୀଙ୍କ ସାମୂହିକ ଆଲୋଚନା, ସାମାଜିକ ସୁରକ୍ଷା ଓ ଚାକିରୀ ସୁରକ୍ଷାକୁ ଦୁର୍ବଳ କରୁଥିବା ଚାରିଟି ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଏହି ସମୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ର ଅବହେଳିତ ଅବସ୍ଥାରେ ରହିଛି। ସାର୍ବଜନୀନ ବିନିଯୋଗ ଅଟକି ରହିଛି ଏବଂ ସରକାରର ଏକମାତ୍ର ଧ୍ୟାନ ବେସରକାରୀକରଣ ଓ କର୍ପୋରେଟିକରଣ ଉପରେ ଥିବାରୁ ଗରିବ ଓ ଅବହେଳିତ ଲୋକମାନେ ଆଉ ଅଧିକ ବିଡ଼ମ୍ବିତ ହୋଇ ପଡୁଛନ୍ତି। ଭାରତର ଉତ୍ପାଦନ (ମ୍ୟାନୁଫ୍ୟାକ୍ଚରିଂ) କ୍ଷେତ୍ର ଯାହା ସାମଗ୍ରିକ ରୋଜଗାର ସୃଷ୍ଟି କରିପାରେ ସେଥିରେ ସନ୍ତୋଷଜନକ ବୃଦ୍ଧି କରାଯାଇନାହିଁ। ଯାହା ଆଗରୁ ଗମ୍ଭୀର ଥିବା ବେକାରୀ ସଙ୍କଟକୁ ଆହୁରି ତୀବ୍ର କରୁଛି। ଅର୍ଥମନ୍ତ୍ରୀ ତାଙ୍କ ଭାଷଣରେ "ଏଆଇ" ଶବ୍ଦଟି ୧୧ ଥର ଉଚ୍ଚାରଣ କରିଥିଲେ। କିନ୍ତୁ ଯେଉଁ କ୍ଷେତ୍ରରେ ଭାରତ ଅନ୍ୟ ଦେଶଗୁଡ଼ିକ ଠାରୁ ବହୁତ ପଛରେ ଅଛି ସେଠାରେ କୌଣସି ସ୍ପଷ୍ଟ ନୀତି ବିନିଯୋଗ କିମ୍ବା ସଂସ୍ଥାଗତ କ୍ଷମତା ଗଢ଼ିବା ସମ୍ପର୍କିତ ନିର୍ଦ୍ଦିଷ୍ଟ ଘୋଷଣା ନାହିଁ। ବିଜେପି ଶାସନରେ ଏଆଇର ଅର୍ଥ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୁହେଁ, ବରଂ ଆଡମିନିଷ୍ଟ୍ରେଟିଭ ଇଣ୍ଟେରିଆ (ପ୍ରଶାସନିକ ଜଡତା) ଯାହା ଅନ୍ଧ ଶାସନର ନମୂନା ଅଟେ। ଯେଉଁଠାରେ ଦୃଷ୍ଟିକୋଣର ସ୍ଥାନରେ ବଜ୍‌ୱର୍ଡ଼ ଏବଂ ସମାଧାନର ସ୍ଥାନରେ ସ୍ଲୋଗାନ୍ ବ୍ୟବହୃତ ହେଉଛି। ଓଡ଼ିଶାର ଖଣିଜ ସମ୍ପଦ ଆଦାନୀ ଭଳି ରାହୁ ପୁଞ୍ଜିପତିଙ୍କ ପାଦ ତଳେ ସମର୍ପଣ ସହ ଧାମରା ଓ ପାରାଦୀପ ବାଟେ ଓଡ଼ିଶାର ଖଣିଜ ବାହାରକୁ ନେଇଯିବା ପାଇଁ ସାହାଣ ମେଳା କରିଛନ୍ତି। ଏହି ଜନବିରୋଧୀ ବଜେଟ ଚଳିତ ଫେବୃଆରୀ ୧୨ ରେ ଆହୁତ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଆହୁରି ବ୍ୟାପକ କରିବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ବିକାଶ ବେହୁରା, ସହ ସମ୍ପାଦକ ଆଦିକନ୍ଦ ରାଉଳ ପ୍ରମୁଖ ଏକ ଲିଖିତ ବିବୃତ୍ତିରେ କହିଛନ୍ତି।

# ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେ ଣ୍ଟ ଉଦଘାଟିତ

ଖଣ୍ଡପଡ଼ା, ୨।୨:(ମନ୍ଥନ)ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେ ଣ୍ଟ ଉଦଘାଟିତ ହୋଇଯାଇଛି । ଗୋକୁଳାନନ୍ଦ କ୍ରିକେଟ କ୍ଲବ ଆ।ନୁକୂଲ୍ୟରେ ଆ।ୟୋଜିତ ଆ।ଜି ପ୍ରଥମ ଲିଗରେ ଭୁବନେଶ୍ୱର ଜିରୋ ବ୍ରଦର୍ସ କ୍ରିକେଟ ଟିମ ୮୪ ରନରେ ନୟାଗଡ ୱାରିୟରକୁ ପରାସ୍ତ କରିଛି । ଟସ ଜିତି ଜିରୋ ବ୍ରଦର୍ସ ଟିମ ନିର୍ଦ୍ଧାରିତ ୧୮ ଓଭରରେ ୭ ୱିକେଟ ହରାଇ ୩୨୨ ରନ କରିଥିଲା । ଜବାବରେ ନୟାଗଡ ୱାରିୟର ୧୭ ଓଭରରେ ସମସ୍ତ ୱିକେଟ ହରାଇ ୮୪ ରନରେ ପରାସ୍ତ ହୋଇଥିଲା । ଜିରୋ ବ୍ରଦର୍ସ ଟିମ ପକ୍ଷରୁ ତପୁ ୩୩ ବଲରୁ ୧୧୭ ରନର ପାଳି ନିମନ୍ତେ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଜ୍ଞାନରଞ୍ଜନ ନାୟକ ଏବଂ ଗୋପାଳ ବେହେରା ଖେଳକୁ ପରିଚାଳନା କରିଥିବା ବେଳେ ଦୁର୍ଗାପ୍ରସାଦ ଦାସ ଭାଷ୍ୟକାର ଏବଂ ଗୌରାଙ୍ଗ ସେଠୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଉଦ୍‌ଘାଟନୀ ଦିବସରେ ପ୍ରଥମେ ଦିବଙ୍ଗତ ଇଞ୍ଜିନିୟରିଂ ଛାତ୍ର ପ୍ରିୟାଂଶିଶ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ଖେଳ ଆ।ରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ଅବସର ପ୍ରାପ୍ତ ସେନା କର୍ମଚାରୀ ପ୍ରକାଶ ଦଳେଇ, ଗ୍ରାମ କମିଟି ସଭାପତି ଯୁଗଳ କିଶୋର ନାୟକ, ପୂର୍ବତନ କ୍ରିଡାବିତ ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଯୋଗଦେବା ସହିତ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ସୋଲାର ପ୍ରକଳ୍ପ ପାଇଁ ସରକାରୀ ଜମି ଜବରଦଖଲ

ଖଣ୍ଡପଡ଼ା, ୨।୨:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ସିଙ୍ଘାପଡ଼ା ପଞ୍ଚାୟତରେ ସୋଲାର ପ୍ରକଳ୍ପ ତିଆ।ରି ଆ।ଳରେ ଏକ ଘରୋଇ ସଂସ୍ଥା ଓ ଏହାର ମାଲିକ ସରକାରୀ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି । କିଛିଦିନ ତଳେ ବିଦ୍ୟୁତ ଖୁ ଣ୍ଟ ପୋତିବା ଆ।ଳରେ ଶତାଧିକ ମିଟର କେନାଲ ନଷ୍ଟ ହୋଇଥିବା ନେଇ ମା' ସୁନେଇ ରୂପେଇ ପାଣି ପଞ୍ଚାୟତ ସଙ୍ଗିନ ଅଭିଯୋଗ ଆ।ଣିଥିଲା। ଏପରିକି କେନାଲ ନଷ୍ଟ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ପ୍ରକଳ୍ପ କରୁଥିବା ଘରୋଇ ସଂସ୍ଥାର ଲୋକେ ମୁହାଁମୁହିଁ ହୋଇଥିଲେ । ତେବେ ଖାଲି କ୍ଷୁଦ୍ର ଜଳସେଚନ ବିଭାଗ କେନାଲ ନୁହେଁ ସିଙ୍ଘାପଡ଼ା ପଞ୍ଚାୟତରେ ଥିବା ଏକାଧିକ ମୌଜାର ଏକର ଏକର ଜମିକୁ ବେଆ।ଇନ ଭାବେ ଜବରଦଖଲ କରିଛି ଘରୋଇ ସଂସ୍ଥାୟ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ ଭୁବନେଶ୍ୱର ଅଞ୍ଚଳର ପ୍ରଦୀପ କୁମାର ପଣ୍ଡା ସିଙ୍ଘାପଡ଼ା ଅଞ୍ଚଳରେ ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଅଞ୍ଚଳ ଜବରଦଖଲ କରିବା ସହିତ ଏହି ପ୍ରକଳ୍ପ ନିର୍ମାଣ କରୁଛନ୍ତି। ତେବେ ସୋଲାର ପ୍ରକଳ୍ପ ନିମନ୍ତେ ପଞ୍ଚାୟତ ଅଧୀନ ହରିହରପ୍ରସାଦ, ନୂଆ।ଗାଁ, ଦଣ୍ଡପୋଖରୀ ମୌଜାରେ ଏକର ଏକର ଜମି ଜବରଦଖଲ କରିଥିବା ସୂଚନା ମିଳିଛି । ଏ ନେଇ ଜିଲ୍ଲା ପ୍ରଶାସନ କିମ୍ବା ରାଜସ୍ୱ ଓ ବନବିଭାଗ ଠାରୁ ଅନୁମତି ନେଇନଥିବା ମଧ୍ୟ ଅଭିଯୋଗ ହୋଇଛି । ଫଳରେ କାହା ସ୍ୱାର୍ଥରେ ସ୍ଥାନୀୟ ପ୍ରଶାସନ କାର୍ଯ୍ୟ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି ।



# କେନ୍ଦ୍ରାପଡା କଲେଜରେ ଗାନ୍ଧୀଙ୍କ ଅହିଂସା ନୀତି ଶୀର୍ଷକ ଆଲୋଚନାଚକ୍ର




କେନ୍ଦ୍ରାପଡ଼ା,୨।୨:(ମନ୍ଥନ)କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ଆନୁକୂଲ୍ୟରେ ବିଭାଗୀୟ ଶ୍ରେଣୀକକ୍ଷରେ 'ଗାନ୍ଧୀଙ୍କ ଅହିଂସା ନୀତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ମୌସୁମୀ କାନୁନ୍‌ଗୋ ବକ୍ତା ଭାବେ ଯୋଗଦେଇ କହିଲେ ଏକ ସୁସ୍ଥ ସମାଜ ଗଠନରେ ଗାନ୍ଧୀଙ୍କ ଅହିଂସା ନୀତି ଏକ ବୃହତ ଅସ୍ତ୍ର ଭାବେ କାମ କରିଥାଏ। ଚିନ୍ତାଧାରା, ବିଚାରଧାରା ଓ କାର୍ଯ୍ୟଧାରାରେ ଅହିଂସାକୁ ପାଥେୟ କରି ବାଟ ଚାଲିଲେ ଜୀବନ ସୁଖମୟ ହେବା ସହିତ ସମାଜ ସୁଦୃଢ ହୋଇପାରିବ ବୋଲି କହିଥିଲେ। ଅହିଂସା ଓ ସତ୍ୟ ପରସ୍ପର ପରିପୂରକ। ଏଥିସହିତ ଡ. କାନୁନଗୋ ଗାନ୍ଧିଜୀଙ୍କ ସତ୍ୟାଗ୍ରହ, ସର୍ବୋଦୟ, ସ୍ୱଦେଶୀ ଓ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଗାନ୍ଧୀଙ୍କ ମତରେ ସତ୍ୟ ହେଉଛି ଅହିଂସା ଓ ଅହିଂସା ହେଉଛି ସତ୍ୟ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଅହିଂସା ନୀତି ଉପରେ ବକ୍ତବ୍ୟ ରଖିଥିଲେ। ଦର୍ଶନଶାସ୍ତ୍ର ବିଭାଗର +୩ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଭାଗୀୟ ମୁଖ୍ୟ ପ୍ରାଧାପକ ଶ୍ରୀ ମିଶ୍ର ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଉପସ୍ଥାପନା କରିଥିଲେ। ଶେଷରେ ଅଧ୍ୟାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ

କୋଣାର୍କ, ୨।୨:(ମନ୍ଥନ)ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ଅଧ୍ୟକ୍ଷ ତଥା ସମ୍ପାଦକ ଶ୍ରୀଯୁକ୍ତ ପ୍ରଭାକର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଉତ୍ସବ ରେ ମୁଖ୍ୟଅତିଥି ଭାବେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅବତାର ମିଶ୍ର ଯୋଗ ଦେଇ,ଛାତ୍ର, ଛାତ୍ରୀ ମାନଙ୍କୁ ବିଭିନ୍ନ ମାର୍ଗ ଦର୍ଶନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ ବଂଶୀଧର ରାଉତ ଯୋଗ ଦେଇ ପିଲା ମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ, ରତନପୁର ବିଜ୍ଞାନ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସମ୍ପାଦକ ଶ୍ରୀଯୁକ୍ତ ପୁରନ୍ଦର ବିଶ୍ୱାଳ । ସେ ତାଙ୍କର ବକ୍ତବ୍ୟ ମାଧ୍ୟମରେ ପିଲା ମାନଂକୁ ଭଲ ମଣିଷ ହେବା ପାଇଁ ବିଭିନ୍ନ ହିତୋପଦେଶ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉକ୍ତ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ରଥ,ପୂର୍ବତନ ଅଧ୍ୟକ୍ଷ ତଥା ସମ୍ପାଦକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ପରିଡା ଓ କୋଣାର୍କ ଭଗବତୀ ମହାବିଦ୍ୟାଳୟ ର ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ କ୍ୟାପଟେନ ବିନୟ ଭୂଷଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ ସେମାନଙ୍କର ବହୁମୂଲ୍ୟ ମାର୍ଗଦର୍ଶନ ମାଧ୍ୟମରେ ଛାତ୍ର, ଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଜୀବନରେ ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ପରିଚିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ବରିଷ୍ଠ ଓଡ଼ିଆ। ବିଭାଗ ଅଧ୍ୟାପକ ଶ୍ରୀଯୁକ୍ତ ଭଂଜକିଶୋର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ବ୍ରଜବନ୍ଧୁ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ । ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ଶିବପ୍ରସାଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି ମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ । ପରିଶେଷରେ ଅନୁଷ୍ଠାନର ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ପାରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ସଞ୍ଜୟ କୁମାର ମଲ୍ଲିକ ଓ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ଼କ୍ଟର ଦିଲ୍ଲୀପ କୁମାର ମିଶ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ଶୁଭ୍ରଶ୍ରୀ ପ୍ରଧାନ, ରୋଜାଲିନ ସେନାପତି, ଅଳକା ଦାସ, ଗୁଣନିଧି ମୁଦୁଲି, ଦୀପକ କୁମାର ପରିଡା, ଅମୁଲ୍ୟରତ୍ନ ଲେଙ୍କା, ରମାକାନ୍ତ ନାୟକ, ତାପସକୁମାର ଶାସମଲ, ନାଳୀନକୁମାର ପଣ୍ଡା, ଲଛମନ ଜେନା, ପ୍ରଫୁଲ୍ଲ ଦାସ, ବୁଧେଶ୍ୱର ସାହୁ, ହରିହର ବେହେରା, ଅମୁଲ୍ୟରତ୍ନ ଲେଙ୍କ, ଅଜୟ କୁମାର ନାୟକ, ଅରୁଣ କୁମାର ନାୟକ, ଅଭୟ କୁମାର ନାୟକ ଓ ଭାନୁ ପ୍ରତାପ ନରେନ୍ଦ୍ର ସିଂ ବର୍ମା ପ୍ରମୁଖ ସହଯୋଗ କରିଥିଲେ ।



# ନିମ୍ନମାନର କାମନେଇ ବିରକ୍ତ ପ୍ରକାଶ କଲେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ

ପିପିଲି,୨।୨:(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଠାରୁ ବନ୍ତଳସିଂ ପର୍ଯ୍ୟନ୍ତ ୧୨ ମିଟର ରାସ୍ତା ପିଚୁ କାର୍ଯ୍ୟ ପାଇଁ ଆରଡି ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା । ଏହାର ଅଟକଳ ମୂଲ୍ୟ ସତର ଲକ୍ଷ ଟଙ୍କା ରହିଥିବା ସୁଚନା ମିଳିଛି । ଏହି ରାସ୍ତାର କାର୍ଯ୍ୟ ନିମନ୍ତେ ସୂଚନା ଫଳକ ଲଗାନଯାଇ ସ୍ଥାନୀୟ ବାସିନ୍ଦା ଙ୍କୁ ଅନ୍ଧାରରେ ରଖାଯାଇ କାର୍ଯ୍ୟ ହେଉଥିଲା ତେବେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ ନିର୍ବାଚନ ମଣ୍ଡଳୀର ଏକ କାର୍ଯ୍ୟକ୍ରମ ପାଇଁ ଗ୍ରସ୍ତ କରିବା ସମୟରେ



ଏହି କାମ ନିମ୍ନମାନର ହେଉଥିବା ଦେଖିବାକୁ ପାଇଥିଲେ । ସେଠାରେ ହଠାତ ଗାଡ଼ିରୁ ଓହ୍ଲାଇ କାର୍ଯ୍ୟ ତଦାରଖ କରିଥିଲେ । ଦେଖିବାକୁ ପାଇଥିଲେ ନିମ୍ନମାନର କାମ ହେଉଥିବାର । ସେଠାରୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ସହ ନିମ୍ନମାନର କାମ ନକରିବାକୁ ଅଡିବସିଥିଲେ । ଏଥିରେ ନିମ୍ନମାନର କାର୍ଯ୍ୟ ହେଉଥିବାର ଦେଖି ଜେ ଇ ଙ୍କୁ ଫୋନ କରିଥିଲେ ଏବଂ ଜାଣିବାକୁ ପାଇଥିଲେ ଅଢେଇ ଇଞ୍ଚ ଚିପ୍ସ ଦିଆଯାଇ ତା ପରେ ବଜୁରୀ ପିଚୁ ଦିଆଯିବାକଥା ମାତ୍ର ଏକ ଇଞ୍ଚ ଚିପ୍ସ ଦିଆଯାଇ ରୋଲର ଚାଲୁଛି । ଏହା ଦେଖି ରୁଦ୍ର ମହାରଥୀ ବିରକ୍ତି ପ୍ରକାଶ କରିବା ସହିତ କାର୍ଯ୍ୟ ଚାଲୁଥିବାବେଳେ ଜେଇ ଙ୍କର ଅନୁପସ୍ଥିତି ନେଇ ସମ୍ପୃକ୍ତ ଜେଇ ଙ୍କ ଉପରେ ବିରକ୍ତ ପ୍ରକାଶ କରିଥିଲେ କାର୍ଯ୍ୟ ଆରମ୍ଭରୁ ପୁନର୍ବାର ଆଉ ଦେଢ଼ ଇଞ୍ଚି ଚିପ୍ସ ଦେଇ ରୋଲିଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସଠିକ କାମ ନହେଲେ ଠିକାଦାର ବିଲ ବନ୍ଦ କରିବାକୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଥିଲେ ।

# ଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଏସ ଆଶାଲତାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ରାୟଗଡ,୨।୨:(ମନ୍ଥନ) ଗୁମ୍ମା ପ୍ଲସ ଟୁ କଲେଜ ର ଅଧ୍ୟକ୍ଷା ଏସ ଆଶାଲତା ଶନିବାର ଦିନ ସରକାରୀ ଚାକିରୀରୁ ଅବସର ନେଇଛନ୍ତି । ଏହି ଅବସରରେ ଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶି ଭୂଷଣ ପଟ୍ଟନାୟକ, ବରେଣ୍ୟ ଅତିଥି ରୂପେ ପ୍ରଭାକର ମିଶ୍ର, ବିଭୂତି ଭୂଷଣ ରଥ, ବିନୋଦ ମହାନ୍ତି, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ନୀଳାଞ୍ଚଳ ମିଶ୍ର ମଞ୍ଚାସୀନ ହୋଇ ଆଶାଲତାଙ୍କ ଅବସରକାଳୀନ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୦୧୧ ମସିହାରେ ହାଇସ୍କୁଲ ଓ ୨୦୨୫ ସେପ୍ଟେମ୍ବର ମାସରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାନ୍ୟତା ପ୍ରାପ୍ତ କରିଛି ବର୍ତ୍ତମାନ ବିଜ୍ଞାନ ରେ ଛଅ ଓ କଳାରେ ଚବିଶି ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ ଅଛନ୍ତି ବିଦ୍ୟାଳୟର ପଞ୍ଚ ତିରିଶି ଜଣ କର୍ମଚାରୀ ଆଶାଲତାଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିବା ସହ ଅବସରକାଳୀନ ଦୁଃଖ ପ୍ରକାଶ କରିଛନ୍ତି । ଶ୍ରୀ ଉଗ୍ରତାରା ଉଚ୍ଚବିଦ୍ୟାଳୟରେ ନିଜ ଚାକିରୀ ଜୀବନ ଆରମ୍ଭ କରିଥିବା ଆଶାଲତା ଜିସିଡି ଜିଲ୍ଲା ସ୍କୁଲ, ପେଣ୍ଡା , ଗାଦବା ସାହି, ଆର ଏସ ଇ ଡବ୍ଲ୍ୟୁ ସି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ଅନେକ ଘାତ ପ୍ରତିଘାତ ମଧ୍ୟରେ ମଧ୍ୟ ଚାଳିଶି ବର୍ଷ ଚାକିରୀ ସମୟରେ ଅନେକ ସଫଳତା ସହ କର୍ତ୍ତବ୍ୟନିଷ୍ଠ ଥିବା ଅତିଥି ବୃନ୍ଦ ନିଜ ବକ୍ତବ୍ୟରେ କହିଥିଲେ । ଓଷ୍ଟା ପକ୍ଷ୍ୟରୁ ଜିଲ୍ଲା ସମ୍ପାଦକ ପ୍ରସନ୍ନ କୁମାର ରଥ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ନୀଳାଞ୍ଚଳ ମିଶ୍ର ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ମାନିତ କରିଥିଲେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରେ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ନିହାରିକା ବିଡ଼ିକା ଆକୁସିଂ ରୁ ଦମୟନ୍ତୀ ଝୋଡ଼ିଆ, ନାଇରାରୁ ବିଡ଼ିକା, ବିକ୍ରମପୁରରୁ ସସ୍ମିତା ଦେବୀ ପ୍ରମୁଖ ଜିଲ୍ଲାର ବିଭିନ୍ନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଆଶାଲତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଆଶାଲତାଙ୍କ ଅବସର ପରେ ଏମ ରଜନୀକାନ୍ତ ଅଧ୍ୟକ୍ଷ ଦାଇ଼ ଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମ କୁ ସଂଯୁକ୍ତା ପାଣିଗ୍ରାହୀ ଓ ଏମ ରଜନୀକାନ୍ତ ପରିଚାଳନା କରିଥିଲେ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଉପସ୍ଥିତ ସମସ୍ତ ଅତିଥିବୃନ୍ଦଙ୍କୁ ଗଛଟିଏ ଦେଇ ବିଦ୍ୟାଳୟ ପକ୍ଷ୍ୟରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ମାଘ ପୂର୍ଣ୍ଣିମାରେ ଗ୍ରାମ ମାନଙ୍କରେ ଅଗ୍ନି ଉତ୍ସବ ପାଳିତ

ବ୍ରହ୍ମଗିରି,୨।୨:(ମନ୍ଥନ)ଆମ ଓଡ଼ିଆ। ସଂସ୍କୃତି ପରମ୍ପରା ରେ ବାର ମାସରେ ତେର ପର୍ବ ପାଳିତ ହୋଇ ଆସୁଛି ତା ମଧ୍ୟରୁ ମାଘ ମାସର ପୂର୍ଣ୍ଣିମା ଅନ୍ୟତମ । ଏହି ପୂର୍ଣ୍ଣିମା କୁ ଅଗିରା ପୂର୍ଣ୍ଣିମା ମଧ କୁହାଯାଇଥାଏ ।ଏହି ଦିନ ପ୍ରତ୍ୟେକ ଗାଁ ର ପ୍ରଥମ ଅଥବା ଶେଷ ମୁଣ୍ଡ ଠାରେ ଅଗ୍ନି ଦେବତାଙ୍କୁ ସନ୍ତୁଷ୍ଟି କରିବା ପାଇଁ ଅଗ୍ନି ପାଳନ ରାଯାଇଥାଏ ଏଥି ପାଇଁ ଏହି ପୂର୍ଣ୍ଣିମା କୁ ଅଗ୍ନି ବା ଅଗିରା ପୂର୍ଣ୍ଣିମା କୁହାଯାଇଥାଏ ଓ ଅତୀତ ରେ ପ୍ରତିନ ଗାଁ ରେ ତାଳ ଛପର ଘର ରହି ରହି ଥିଲା । ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଘର ଧନ ଜୀବନ କ୍ଷେତି ହେଉଥିଲା ଓ ଅଗ୍ନି ଦେବତା ଙ୍କୁ ସନ୍ତୁଷ୍ଟ କଲେ ଅଗ୍ନିକାଣ୍ଡ ବିପତ୍ତି ରୁ ରକ୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏଣୁ ମାଘ ପୂର୍ଣ୍ଣିମା ଦିନ ପ୍ରାୟ ସବୁ ଗାଁରେ ଅଗ୍ନି ଉତ୍ସବ ପାଳନ କରାଯାଇଥାଏ । ପୁରୀ ଶ୍ରୀମନ୍ଦିର ସବୁଖ ରେ ମଧ୍ୟ ଅଗ୍ନି ଉତ୍ସବ ପାଳିତ ହୋଇଥାଏ । ଗାଁ ର ପିଲା ମାନେ ଘର ଘର ବୁଲି ନଡ଼ା (କୁଟା) ସଂଗ୍ରହ କରିଥାନ୍ତି ଗାଁ ର ଶେଷ ଅଥବା ପ୍ରଥମ ମୁଣ୍ଡ ରେ ଏକ ଖୋଲା ସ୍ଥାନ କୁ ଲିପା ପୋଛା କରାଯାଇ ଏକ ବାଉଁଶ ର ଅଗ (ଅଗିରା) କୁ ପୋତି ଚତୁପାର୍ଶ୍ୱ ରେ ଘରୁ ଘରୁ ସଂଗ୍ରହ ହୋଇଥିବା କୁଟା, ନଡ଼ା କୁ ଦେଉଳ ପରି ସଜାଇ ଦିଆଯାଏ । ଏହାକୁ ଅଗିର ଅଗି ବୋଲି କୁହା ଯାଇଥାଏ । ବ୍ରାହ୍ମଣ ଆସି ସେଠାରେ ଅଗ୍ନି ଦେବତା ଙ୍କୁ ଫଳ ମୂଳ ଭୋଗ ଲାଗି କରିଥାଆନ୍ତି । ଗ୍ରାମର ଲୋକମାନେ ବାଜା ବଜାଇ, ସଙ୍କୀର୍ତ୍ତନ କରି ଏକ ଶୋଭାଯାତ୍ରା ରେ ଯାଇ ଦେଉଳ ପରି ସଜିତ ହୋଇଥିବା କୁଟା, ନଡ଼ା ଚାରିପଟେ ପରିକ୍ରମା କରିଥାନ୍ତି ଯ ବ୍ରାହ୍ମଣ ଦ୍ୱାରା ପୂଜାର୍ଚ୍ଚନା ସରିବା ପରେ ଅଗ୍ନି ସଂଯୋଗ କରାଯାଏ । ହୁଡ଼ା ହୁ ହୋଇ ଜଳି ଉଠେ ନଡ଼ା କୁଟା । ଅଗ୍ନି ଲାଗିଥିବା ଜାଗାରେ ସମସ୍ତେ ହରିବୋଲ ହୁଳହୁଳି ପକାଇବା ସହିତ ଅଗ୍ନି ଦେବତା ଙ୍କୁ ମୁଣ୍ଡିଆ। ମାରି ତାଙ୍କ ଘର କୁ ଅଗ୍ନି ବିପତ୍ତି କୁ ରକ୍ଷା କରିବାକୁ ଗୁହାରି କରିଥାନ୍ତି । ଏଠୁ ସହିତ ନିଜ ନିଜ ଘରୁ ଆଣିଥିବା ଆଳୁ, ବାଇଗଣ, ଟମାଟୋ, କନ୍ଦମୂଳ, ନଡ଼ିଆ, ସାରୁ ପ୍ରଭୃତି କୁ ସେହି ଜ୍ୱଳନ୍ତ ଅଗ୍ନି ଭିତର କୁଫିଙ୍ଗିଆନ୍ତି ଅଗ୍ନି ଜଳି ଲିଭି ଯିବା ପରେ ଏ ସବୁ ପୋଡ଼ା ପରିବାକୁ ଅଗ୍ନି ଦେବତା ଙ୍କ ପ୍ରସାଦ ଭାବେ ଗ୍ରହଣ କରିଥାନ୍ତି ।

# ଦ୍ୱିତୀୟ ରାଜ୍ୟ ସ୍ତରୀୟ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଂଟ ନିମନ୍ତେ ପ୍ରସ୍ତୁତି ବୈଠକ

କୋଣାର୍କ, ୨।୨:(ମନ୍ଥନ)କୋଣାର୍କ ସ୍ଥିତ ଶର୍ମା ମାରୱାଡ଼ି ହୋଟେଲ ଠାରେ କୋଣାର୍କ ସ୍ପୋର୍ଟ ଏକାଡେମୀ ଆନୁକୁଲ୍ୟରେ ଦ୍ୱିତୀୟ ରାଜ୍ୟସ୍ତରୀୟ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଂଟ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଣାର୍କ ତାରିଖରୁ କୋଣାର୍କ ସ୍ପୋର୍ଟସ ଏକାଡେମୀର ସଭାପତି ଚନ୍ଦ୍ରଶେଖର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଦ୍ୱିତୀୟ ରାଜ୍ୟ ସ୍ତରୀୟ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଂଟ ଆରମ୍ଭ ହେବ ଏକାଡେମୀ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଚଳିତ ଫେବୃଆରୀ ୧୦ ତାରିଖ ଠାରୁ ୧୭ ଫେବୃଆରୀ ୮ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରିକେଟ ମହାସମରରେ ୨୫ ଓଭର ବିଶିଷ୍ଟ ମ୍ୟାଚ ଖେଳାଯିବା ସହ ମ୍ୟାଚ ଗୁଡିକ ରେ ଲାଲ ବଲ ଓ ମ୍ୟାଟ ମାଧ୍ୟମରେ ଖେଳା ଯିବ ବୋଲି ଏକାଡେମୀ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ କ୍ୱାର୍ଟର ଫଇନାଲ ମ୍ୟାଚରେ ରାମେଶ୍ୱର ସ୍ପୋଟିଂଗ ସହ କଟକ ର ଜୁଭେନାଇଲ କ୍ରିକେଟ କ୍ଲବ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବାଲେଶ୍ୱର ଆଦର୍ଶ ସହ ୟୁନିଅନ ସ୍ପୋର୍ଟିଙ୍ଗ କଟକ. ରାଇଜିଙ୍ଗ ସ୍ଟୁଡେ ଣ୍ଟ, କଟକ ଓ ବିବିସିଏ, ଭୁବନେଶ୍ୱର ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଓ ଚତୁର୍ଥ କ୍ୱାଟର ଫାଇନାଲ ସ୍ୱାନ ସ୍ପୋର୍ଟିଙ୍ଗ, ଭୁବନେଶ୍ୱର ଓ ପୁରୀ ଏକାଦଶ ପରସ୍ପର ମଧ୍ୟରେ ଖେଳାଯିବ ବୋଲି କୋଣାର୍କ ସ୍ପୋର୍ଟସ ଏକାଡେମୀର ସଭାପତି ଚନ୍ଦ୍ରଶେଖର ରାଉତରାୟ ପ୍ରକାଶ କରିଛନ୍ତି। ୧୨ ଫେବୃଆରୀ ରେ ପ୍ରଥମ ସେମିଫାଇନାଲ ,୧୬ ଫେବୃଆରୀରେ ଦ୍ୱିତୀୟ ସେମିଫାଇନାଲ ଏବଂ ୧୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଏହି ମ୍ୟାଚ ପୂର୍ବାହ୍ନ ୧୧ ଘଟିକାରୁ ଆରମ୍ଭ ହେବ । ଟୁର୍ଣ୍ଣାମେଂଟ ର ଉଦଘାଟନୀ ମ୍ୟାଚକୁ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ ଯୋଗ ଦେବେ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଚମ୍ପିୟାନ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହ ମ୍ୟାନ ଅଫ ଦି ମ୍ୟାଚ ,ମ୍ୟାନ ଅଫ ସିରିଜ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି ସ୍ପୋର୍ଟସ ଏକାଡେମୀର ସଭାପତି ଚନ୍ଦ୍ରଶେଖର ରାଉତରାୟ ପ୍ରକାଶ କରିଛନ୍ତି ।

# ସୁତନରେ ଅଷ୍ଟପ୍ରହର ନାମଯଜ୍ଞ

କୋଣାର୍କ,୨।୨:(ମନ୍ଥନ)ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିନସ୍ଥ ସୁତନ ପଞ୍ଚାୟତର ସୁତନ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ ସମାରୋହ ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଛି । ଗ୍ରାମର ପ୍ରମୁଖ ଶୈବପୀଠ ବାବା କପାଳେଶ୍ୱରଙ୍କ ପୀଠରେ ଅନୁଷ୍ଠିତ ଏହି ଭକ୍ତିମୟ କାର୍ଯ୍ୟକ୍ରମରେ ଶନିବାର କଳସ ଯାତ୍ରା ୫୦ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ନେଇ ଆରମ୍ଭ ହୋଇଥିଲା । ରବିବାର ସକାଳ ୬ ଟାରୁ ନାମ ସଂକୀର୍ତ୍ତନ ସୋମବାର ସକାଳ ୬ରେ ନାମ ସଂକୀର୍ତ୍ତନ ସମ୍ପନ୍ନ ହେବ ।

# ଜାହାନିଆଁ ସମୁଦ୍ର କୂଳରୁ ଉଦ୍ଧାର କୁମ୍ଭୀର

ଅସ୍ତରଙ୍ଗ,୨।୨:(ମନ୍ଥନ) ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ସମୁଦ୍ର କୂଳ ରେ ଶନିବାର ଦେଖାଦେଇଥିବା କୁମ୍ଭୀରକୁ ରବିବାର ଦିନ ପୂର୍ବାହ୍ନ ୧୧ ଟା ସମୟରେ ଉଦ୍ଧାର କରାଯାଇଛି । ସୂଚନା ଯୋଗ୍ୟ କି ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ଶୀତ ଆରମ୍ଭ ନଭେମ୍ବର ମାସ ଦେଖିବାକୁ ମିଳିଥିଲା ଏକ କୁମ୍ଭୀର । ଲୋକଙ୍କୁ ଦେଖି ପୁଣି ସମୁଦ୍ର କୁ ଚାଲିଯାଇଥିଲା । ପୁନର୍ବାର ଗତ ଶନିବାର ଦିନ ପ୍ରାୟ ୧୦ ଫୁଟ ର ଏକ କୁମ୍ଭୀର ସମୁଦ୍ର କୂଳରେ ଦେଖିବାକୁ ମିଳିଥିଲା । ପୁନର୍ବାର କୁମ୍ଭୀର ଦେଖି ସ୍ଥାନୀୟ ଜନସାଧାରଣ ମନରେ ଭୟ ସୃଷ୍ଟି ହୋଇଥିଲା । କୁମ୍ଭୀର ଟି ଉପରେ ପଡିରହୁଥିଲା ସମୁଦ୍ର କୁ ଯାଉନଥିବା ଯାହା ଜଣାପଡି ଥିଲା । କୁମ୍ଭୀର ଟି ଜାହାନିଆଁ ସମୁଦ୍ର କୂଳ ରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ପ୍ରାୟ ଚାରି କିଲୋମିଟର ପର୍ଯ୍ୟନ୍ତ ଚାଲି ଯାଇଥିଲା । ବନ ବିଭାଗ ପକ୍ଷରୁ ବନପାଳ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱ ରେ ଏକ ଟିମ୍ କୁମ୍ଭୀର ଉପରେ ନଜର ରଖିଥିଲେ । ଆଜି ରାଜନଗର ରୁ ଏକ କୁମ୍ଭୀର ଧରାଳି ଦଳ ଓ ସ୍ଥାନୀୟ ବନ କର୍ମଚାରୀଙ୍କ ସହାୟତା ରେ ଜାଲ ଦ୍ୱାରା ଧରି ରାଜନଗର ର ଭିତରକନିକା ରେ ଛଡା ଯିବ. ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । କୁମ୍ଭୀର କୌଣସି ଆଘାତ ଲାଗିଥିବା ଅନୁମାନ କରାଯାଉଥିଲା । ସେଠାରେ ବନବିଭାଗ ପକ୍ଷରୁ କର୍ମଚାରୀ ଗତ କାଲି ଠାରୁ ଜଗିରହିଥିଲେ ।

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତି ସମାବେଶ ଆୟୋଜିତ

ଅନୁଗୋଳ ,୨।୨:(ମନ୍ଥନ)ସ୍ଥାନୀୟ ସଭାଘର ଠାରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମାନ୍ୟବର ତାଳଚେର ବିଧାୟକ ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଶା କର୍ମୀ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ ଯୋଗ ଦେଇ ଆଶା କର୍ମୀଙ୍କ ପ୍ରଚେଷ୍ଟା ରୁ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟ ସେବା ମାନ ବୃଦ୍ଧି ହୋଇପାରୁଛି ବୋଲି କହିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଏକ ସଚେତନ ଧର୍ମୀ ନାଟକ ଭରସା ପରିବେଷଣ କରାଯାଇଥିଲା । କନ୍ୟା ସନ୍ତାନ ସଂଖ୍ୟା ବୃଦ୍ଧି ସମ୍ପର୍କରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀ ଡ. ମଦନମୋହନ ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିରୁପମା ପାଣି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅନ୍ତର୍ଯ୍ୟାମୀ ମିଶ୍ର , ଆଶା କର୍ମୀ, ଆୟୁଷ ଡାକ୍ତର, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ୱାର୍ଡ ମେମ୍ବର, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥ ନିକଟରେ କିନ୍ନର ହତ୍ୟା ଘଟଣାକୁ ୨୪ଘଂଟା ପୁରିଲା ପୋଲିସ ହାତ ଖାଲି

ପିପିଲି,୨।୨:(ମନ୍ଥନ)ପିପିଲି ଥାନା ଅଧିନସ୍ଥ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ସିଫା ନିକଟରେ ଜଣେ କିନ୍ନରକୁ ଛୁରୀ ଭୁସି ହତ୍ୟା କରିବା ଘଟଣାକୁ ୨୪ଘଂଟା ବିତିଯାଇଥିବା ବେଳେ ଏବେ ବି ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ହାତ ଖାଲିପଡିଛି । ଅଭିଯୁକ୍ତକୁ ଗିରଫ କରିବା ସହିତ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୁରଣ ଦେବା ଦାବୀ କରି କିନ୍ନର ଗୋଷ୍ଠୀ କ୍ୟାପିଟାଲ ହସ୍ପିଟାଲ ଛକରେ ଧାରଣାରେ ବସିଛନ୍ତି । ଅନ୍ୟପଟେ ପିପିଲି ପୋଲିସ ପୁରୀ ରୁ ସାଇଟିଂଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଂଚି ତନାଘନା ତଦନ୍ତ ଚଳାଇଥିବା ଜଣାପଡିଛି । ସୁଚନାନୁଯାଇ ଭୁବନେଶ୍ୱର ପୁରୀ ଜାତୀୟ ରାଜପଥ ପିପିଲି ଥାନା ଅଧିନସ୍ଥ ସିଫା ନିକଟରେ ଏକ ବାଲି ଗଦା ପାଖରେ ଜଣେ କିନ୍ନରକୁ ଛୁରୀ ଭୁସି ବିଭତ୍ସ ଭାବେ ହତ୍ୟା କରି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ମୃତକ ହେଲେ କଟକ ସାଲେପୁର ଅଂଚଳର ଦିନେଶ ଓରଫ ସୋନା କିନ୍ନର ବୋଲି ପୋଲିସ ଠାରୁ ପରିଚୟ ମିଳିଛି । ତାଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ହଣା ଚିହ୍ନ ରହିଛି । ତାଙ୍କୁ ଛୁରୀ ମାଡ କରି ବାଲି ଗଦା ନିକଟରେ ପକାଇ ଦେଇଥିବା ନେଇ ସୋନା ତାଙ୍କ ସାଙ୍ଗକୁ ଫୋନ ଯୋଗେ କହିଥିଲେ । ତାଙ୍କ ସାଙ୍ଗମାନେ ତତକ୍ଷଣାତ ସେହି ବାଲି ଗଦା ନିକଟରୁ ରକ୍ତଜୁଡୁବୁଡୁ ଅବସ୍ଥାରେ ସେଠାରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ଡାକ୍ତର ସେଠାରେ ମୃତ୍ୟୁ ଘୋଷଣା କରିଥିଲେ । ପିପିଲି ଏସଡିପିଓ ଦେବାଶିଷ ମିଶ୍ର ଓ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଙ୍କ ସହ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଂଚିଥିଲେ । ପୋଲିସ କ୍ୟାପିଟାଲ ହସ୍ପିଟାଲରେ ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ନିଲୁ କିନ୍ନରଙ୍କ ଲିଖିତ ଅଭିଯୋଗକ୍ରମେ ପିପିଲି ଥାନାରେ ଏସଂକ୍ରାନ୍ତରେ ୭୩/୨୬ରେ ଏକ ମାମଲା ରୁଜୁ କରାଯାଇଛି । ସୋମବାର ସକାଳେ ପିପିଲି ପୋଲିସ ସନ୍ଧାନୀ କୁକୁର ଓ ସାଇଟିଫିକ ଟିମ ଘଟଣାସ୍ଥଳରେ ପହଂଚି ଅଧିକ ତଦନ୍ତ ଚଳାଇଛି । ସେଠାରୁ ରକ୍ତ ନମୁନା , ଚପଲ,ଚୁଟି,କଣ୍ଡମ ,କପଡାକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରୀ ରଖିଥିବା ଥାନା ଅଧିକାରୀ ଶ୍ରୀତ୍ରିପାଠୀ ସୁଚନା ଦେଇଛନ୍ତି ।

# ମା ରତନେଈ ମନ୍ଦିରର ମୁଖ୍ୟଦ୍ୱାର ପ୍ରତିଷ୍ଠା ଉତ୍ସବ

ବୁଗୁଡ଼ା,୨।୨:(ମନ୍ଥନ)ବୁଗୁଡ଼ା ବ୍ଲକ ଭାମଶ୍ୟାଳି ପଞ୍ଚାୟତ ଅନ୍ତର୍ଗତ କୁଆଁନଳା ଗ୍ରାମସ୍ଥ ମା ରତନେଈ ମନ୍ଦିର ମୁଖ୍ୟଦ୍ୱାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଚାର୍ଯ୍ୟ ଭାବେ ସୁବାସ ଚନ୍ଦ୍ର ଦାଶ, ପ୍ରଚାରକ ଭାବେ ଚନ୍ଦ୍ର ଶେଖର ଦାଶ ଓ ହିମାଂଶୁ ଶେଖର ଦାଶ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ କର୍ତ୍ତା ଦାୟିତ୍ୱ ସୀତାରାମ ଦାଶ ନିର୍ବାହ କରିଥିଲେ । ଏ ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଗୋଲିଆ, ଭାମଶ୍ୟାଳି, କୁଶପଲ୍ଲୀ ଓ କୁଆଁନଳା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ କୁଆଁନଳା ଗ୍ରାମବାସୀ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରସ୍କାର ବିତରଣ ଉତ୍ସବ

ମାହାଙ୍ଗା,୨।୨:(ମନ୍ଥନ)ମାହାଙ୍ଗା ବ୍ଲକ କଇଥାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟା ଶାନ୍ତିଲତା ଦେବୀଙ୍କ ପୌରହିତରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଆୟକର କମିଶନର ଶୋଭନ କର ଏବଂ ସମ୍ମାନୀତ ଅତିଥି ଭାବେ ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚନ୍ଦ୍ର ଦାସ ଯୋଗଦେଇ ଆମ ଅଖଣ୍ଡ ଭାରତ ବର୍ଷର ଅନେକ ଗୌରବମୟ ଗାଥା ଅବତାରଣା କରି ଉପସ୍ଥିତ ବିଦ୍ୟାର୍ଥୀ, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଅଭିଭାବକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବକ୍ତୃତା, ସଂଗୀତ ଗାନ, ନୃତ୍ୟ, ଅଭିନୟ କ୍ଷେତ୍ରରେ କୃତି ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷା କ୍ଷେତ୍ରରେ ସଂପୃକ୍ତ କୃତି ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାଳୟ ତରଫରୁ ଅତିଥିମାନଙ୍କ ଦ୍ୱାରା, ପୁରସ୍କାର ,ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡଃ. ପ୍ରଭାତ କୁମାର ମିଶ୍ର, ଶିକ୍ଷାନୁଷ୍ଠାନର ସଭାପତି ସନ୍ତୋଷ କୁମାର ସିଂ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିଶୁବିଦ୍ୟାମନ୍ଦିରର ସଚିବ ସଂଜୀବ କୁମାର ମହାନ୍ତି, ସଂପାଦକ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ତତ୍ତ୍ୱାବଧାନରେ ଶିଶୁ ଛାତ୍ରଛାତ୍ରୀମାନେ ଚିତାକର୍ଷକ ନୃତ୍ୟ ଏବଂ ଅଭିନୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# କେନ୍ଦ୍ର ବଜେଟରେ ଜାତୀୟ ଜଳମାର୍ଗ ୫ ତାଳଚେର ଧାମରା ପାଇଁ ବ୍ୟୟବରାଦ

ଅନୁଗୁଳ,୨।୨:(ମନ୍ଥନ) କେନ୍ଦ୍ର ବଜେଟ ଆଜି ରବିବାର ପାର୍ଲିଆମେ ଣ୍ଟ ରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଛନ୍ତି । ଏଥିରେ ସବୁ କ୍ଷେତ୍ରରେ ଓଡିଶା କୁ ଗୁରୁତ୍ୱ ଦିଆଯାଇଛି । ଅନୁଗୁଳ ଜିଲ୍ଲାର ବ୍ରାହ୍ମଣୀ ନଦୀରେ ତାଳଚେର ଧାମରା /ପାରାଦ୍ୱୀପ ଜାତୀୟ ଜଳପଥ ୫ ଉପରେ ଗୁରୁତ୍ୱ ଦିଆଯାଇ ବ୍ୟୟ ବରାଦ କରାଯାଇଛି । ବଜେଟ ରେ ସମସ୍ତ ବର୍ଗର ଜନସାଧାରଣ ଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । କୃଷକ, ମହିଳା, ଯୁବକ ଓ ଗରିବ ସମସ୍ତ ଙ୍କୁ ଆଖି ଆଗରେ ରଖି ବଜେଟ ପ୍ରସ୍ତୁତ କରାଯାଇଛି । ଖଣିଜ କରିଡର ରେ ଅନୁଗୁଳ ଜିଲ୍ଲା ତଥା ତାଳଚେର ବିଶେଷ ଉପକୃତ ହେବ । ବଜେଟ କୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏହା ଐତିହାସିକ ବଜେଟ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର ଓ ଜୋନାଲ ମିଡ଼ିଆ। ସେଲ ସଂଯୋଜକ ପର୍ଶୁରାମ ବାରିକ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସୁଶାସନର ଅଂଶ ହେଲା ସଡ଼କ ସୁରକ୍ଷା

## ନାଟ୍ୟସାରଥି ଅଭୟ କୁମାର ଦାସ

ସଡ଼କ ସୁରକ୍ଷା ପାଇଁ ରାଜ୍ୟ ସରକାର ଚାରିଟି 'ଇ' ପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସେଗୁଡ଼ିକ ହେଲା ଏଜୁକେସନ ବା ଶିକ୍ଷା, ଏନଫୋର୍ସମେଣ୍ଟ ବା ନିୟମର କଡ଼ାକଡ଼ି ଅନୁପାଳନ, ଇଞ୍ଜିନିୟରିଂ ବା ଯୋଗାଯୋଗ ଭିତ୍ତିଭୂମି ଓ ଯାନବାହାନରେ ଉନ୍ନତ ଇଞ୍ଜିନିୟରିଂ ବିଦ୍ୟା ପ୍ରୟୋଗ କରି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଏମର୍ଜେନ୍ସି ବା ଜରୁରୀ ସମୟରେ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ। ଏହି ଚାରିଟି ନିୟମ ଅନୁପାଳନ ସହିତ ନିକଟରେ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଆଉ ଦୁଇଟି 'ଇ' ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ। ଏହାହେଲା ଏନଭରିନମେଣ୍ଟ ଓ ଇଭାଲ୍ୟୁସନ। ଯାନବାହାନର ପ୍ରଦୂଷଣ ନିୟମକୁ ସଠିକ ଭାବେ ପାଳନ କରିବା ସହିତ ସଡ଼କ ସୁରକ୍ଷାର ଯେଉଁ ନିୟମ ଗୁଡ଼ିକ ଅଛି ତାହାର ଫଳାଫଳ ସମ୍ପର୍କରେ ଉପଯୁକ୍ତ ମୂଲ୍ୟାୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ମୂଲ୍ୟାୟାନକୁ ଭିତ୍ତିକରି ବିଭିନ୍ନ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମକୁ ପରିବର୍ତ୍ତନ କିମ୍ବା ଆହୁରି ଉନ୍ନତ କରାଯାଇ ପାରିବ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେବା ପରଠାରୁ ସଡ଼କ ସୁରକ୍ଷାକୁ ସୁଶାସନ ବା ଗୁଡ଼ ଗର୍ଭର୍ଣ୍ଣାନ୍ସର ଅଂଶ ଭାବେ ଗ୍ରହଣ କରାଯାଇଛି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ଏହା ଉପରେ ଅଧିକ ସତର୍କ ରହିବେ ସରକାର ଆଶା ପ୍ରକଟ କରିଛନ୍ତି। ଏହାକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀ 'ମୁଖ୍ୟ ମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି। ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କୁ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। ସେହିପରି ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନ ଗୁଡ଼ିକୁ ମଧ୍ୟ ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ଉତ୍ତମ ପଦକ୍ଷେପ ଭିତ୍ତିରେ ପୁରସ୍କାର ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଏବଂ ସମାଜର ପ୍ରତ୍ୟେକ ସ୍ତରରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବୃଦ୍ଧିହେବ ଏବଂ ଦୁର୍ଘଟଣା କମିବାରେ ଏହି ପଦକ୍ଷେପ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଯୋଗାଯୋଗ କ୍ଷେତ୍ରରେ ଓଡ଼ିଶାର ବିଭିନ୍ନ ସଡ଼କରେ ପ୍ରମୁଖ ଜଙ୍ଗଲ ଓ ତୀଖ ଘାଟି ରହୁଥିବାରୁ ଏହା ସଡ଼କ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ପାଲଟିଥାଏ। ବିଶେଷକରି ଶୀତଦିନିଆ ସମୟରେ ପିକନିକ୍ ଓ ଭ୍ରମଣ ନିମନ୍ତେ ଏହି ଘାଟି ସଂଯୋଗ ସଡ଼କ ବ୍ୟସ୍ତ ବହୁଳ ହୋଇପଡ଼ିଥାଏ। ରାଜ୍ୟର ଘାଟିରାସ୍ତା ଗୁଡ଼ିକରେ ସଡ଼କ ସୁରକ୍ଷା ପାଇଁ ଏକ ଅନନ୍ୟ ଓ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦଘାଟନ କରିଥିଲେ। ଏହି ବ୍ୟବସ୍ଥାରେ ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଛି। ଏହାର ସଫଳତା ଦେଖି ଅନ୍ୟାନ୍ୟ ଘାଟିରାସ୍ତାରେ ଏହା ଆରମ୍ଭ କରାଯିବ।

କଟକ ଭୁବନେଶ୍ୱର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହିତ ଏକ ବୁଝାମଣା ପତ୍ର ସରକାରୀ ଭାବେ ସ୍ୱାକ୍ଷରିତ ହୋଇଛି। ଆଇଆଇଟିର ରିପୋର୍ଟ ପରେ ଏହି ଆଧାରରେ ଦୁଇ ସହରର ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଙ୍ଗ ଷ୍ଟେସନ ମଧ୍ୟ ଆବଶ୍ୟକତା ରହିଛି। ନିକଟରେ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଙ୍ଗ ଷ୍ଟେସନର ଲୋକାର୍ପଣ ହୋଇଛି। କରିଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଆହୁରି ୮୫ଟି ଚାର୍ଜିଙ୍ଗ ଷ୍ଟେସନ ନିର୍ମାଣଧୀନ ଅଛି, ଏଗୁଡ଼ିକ ଖୁବଶୀଘଅ ଲୋକାର୍ପିତ ହେବ। ଆଗାମୀ ଦିନରେ ଆହୁରି ଅଧିକ ଚାର୍ଜିଙ୍ଗ ଷ୍ଟେସନ ନିର୍ମାଣ କରାଯିବା ନେଇ ସରକାରୀ ଭାବେ ବ୍ୟବସ୍ଥା ହୋଇଛି। ଇତିମଧ୍ୟରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ୧୪ଟି ନୂତନ ଅଟଳ ବସଷ୍ଟାଣ୍ଡକୁ ଲୋକାର୍ପିତ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସଷ୍ଟାଣ୍ଡ ଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲା, ଉପଖଣ୍ଡ, ପଞ୍ଚାୟତ ସମିତି ଓ ପୌରପାଳିକା ଗୁଡ଼ିକରେ ଅଟଳ ବସଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ-୬ମାନର ଆଧୁନିକ ବସ ଚଳାଚଳରେ ଶୁଭାରମ୍ଭ ହୋଇଛି। (କ୍ରମଶଃ)

# ଭାରତ ଉପରେ ଚାପ

ଭାରତ ବିଶ୍ୱର ସର୍ବବୃହତ ସଂସଦୀୟ ସାର୍ବଭୌମ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ଓ ଅହିଂସା,ଶାନ୍ତି, ମୈତ୍ରୀ,ସଂହତି, ସଂପ୍ରୀତି ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଆମର ଲିଖିତ ସମ୍ବିଧାନ ଓ ବିଚାରଧାରାର ମୂଳମନ୍ତ୍ର ଓ କିନ୍ତୁ ବିଗତ ଦଶନ୍ଧିରେ ଅନେକ କିଛି ଅସଙ୍ଗତି ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ହୋଇଛି ଓ ଦକ୍ଷିଣ ଏସିଆରେ ଭାରତର ପଡୋଶୀ ଦେଶମାନଙ୍କ ସହ ସମ୍ପର୍କରେ ତିକ୍ତତା ଦେଖାଦେଇଛି । ଏହା ଫଳରେ ଚୀନର ପ୍ରଭାବ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଚୀନର ଶକ୍ତି ବୃଦ୍ଧି ପାକିସ୍ତାନକୁ ଅଧିକ କ୍ରିୟାଶୀଳ କରିବାରେ ସହାୟକ ହେବ ଓ ଆମର ବୈଦେଶିକ ନୀତିର ନକାରାତ୍ମକ ପ୍ରଭାବ ଫଳରେ ଆମର କୂଟନୈତିକ ସମ୍ପର୍କ ଦୁର୍ବଳ ହେବାରେ ଲାଗିଛି । ପଡୋଶୀ ରାଷ୍ଟ୍ରମାନଙ୍କ ସହ ପୂର୍ବାପେକ୍ଷା ବ୍ୟବସାୟିକ,କୂଟନୈତିକ ସମ୍ପର୍କରେ ଅବନତି ଘଟୁଛି। ଏହାର ସୁଯୋଗ ନେଇ ଆମେରିକା ଭାରତ ଉପରେ ଚାପ ପ୍ରୟୋଗ କରୁଛି । ଅପେରସନ ସିନ୍ଦୁର ଯୁଦ୍ଧବିରତି ଆମେରିକା କରିଛି ବୋଲି ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଦାବି କରିଆସୁଥିବାବେଳେ ଆମେରିକା ଓ ଚୀନ ସହ ପାକିସ୍ତାନର ସମ୍ପର୍କ ଭାରତ ପାଇଁ ନିଶ୍ଚିତ ଚିନ୍ତାର ବିଷୟ ବୋଲି କୁହାଯାଇପାରେ । ସେହିପରି ଭାରତର ଉତ୍ପାଦ ଉପରେ ଆମେରିକାର ଟାରିଫ ଘୋଷଣା ରପ୍ତାନିକୁ ପ୍ରଭାବିତ କରିଛି ।ଦେଶର ଘରୋଇ କାରବାର ସାଙ୍ଗକୁ ଅର୍ଥନୀତି ଏଥିପାଇଁ ଦୁର୍ବଳ ହେଉଛି ଓ ଆମେରିକା ଚାପରେ ଭାରତ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ବନ୍ଦ କରିଛି । ସେହିପରି ଇରାନରୁ ତୈଳ ଆଣିବା ପାଇଁ ଭାରତ ନିର୍ମାଣ କରୁଥିବା ଚବାହାର ବନ୍ଦର ଆମେରିକାର ନିର୍ଦ୍ଦେଶରେ ବନ୍ଦ କରଦିଆଯାଇଛି ।ଭାରତୀୟ ବେଆଇନ ଅନୁପ୍ରବେଶକାରୀଙ୍କୁ ହାତରେ ହାତକଡି। ଗୋଡରେ ବେଡି ପିନ୍ଧାଇ ପଠାଇବା । ଆମେରିକାରେ ଅଧ୍ୟୟନ ପାଇଁ ଭିସା ମୂଲ୍ୟରେ ଅହେତୁକ ବୃଦ୍ଧି କରି ଆନ୍ତର୍ଜାତିକ ସ୍ତରରେ ଭାରତକୁ ଅପମାନିତ କରିଛନ୍ତି ଆମେରିକା ରାଷ୍ଟ୍ରପତି । ଅନ୍ୟପକ୍ଷରେ ଡଲାର ତୁଳନାରେ ଭାରତୀୟ ଟଙ୍କାର କ୍ରମାଗତ ଅବମୂଲ୍ୟାୟନ ଭାରତର ରାପ୍ତାନୀ, ଆମଦାନୀ ଓ ବୈଦେଶିକ ମୁଦ୍ରା ସଞ୍ଚୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀ ଆମେରିକାର ଚାପ ଆଗରେ ଦେଶର ହିତକୁ ଅଣଦେଖା କରିନାହାଁନ୍ତି । ଏହାକୁ ଟ୍ରମ୍ପ - ମୋଦିଙ୍କ ମଧ୍ୟରେ ବ୍ୟକ୍ତିଗତ ବିଦ୍ୱେଷ ବୋଲି କହିହେବ ନାହିଁ । ହୁଏତ ଆମେରିକା,ଭାରତ ଓ ପାକିସ୍ତାନକୁ ସମାନ ସ୍ତରରେ ଆକଳନ କରୁଛି ବୋଲି କୁହାଯାଇପାରେ । ଆମେରିକାର ଏପରି ନୀତିକୁ ଲକ୍ଷ୍ୟ କରି ଚୀନ ପାକିସ୍ତାନର ଅଧିକ ନିକଟତର ହେଉଛି ଯାହାକି ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦର ଆଶଙ୍କା ସୃଷ୍ଟି କରୁଛି । ପ୍ରକାଶଥାଉ କି, ଅପରେସନ ସିନ୍ଦୁର ସମୟରେ ଚୀନ ଓ ପାକିସ୍ତାନ ମିଳିତ ଭାବରେ ଭାରତ ସହ ଲଢ଼ିଥିଲେ । ଅନ୍ୟପକ୍ଷରେ ଭାରତର ବଜାର ଉପରେ ଏକପ୍ରକାର କବଜା କରିଥିବା ଚୀନ ଏହାର ବିସ୍ତାରବାଦୀ ନୀତି ଦ୍ୱାରା ଭାରତର ଲଦାଖ ଓ ଅରୁଣାଚଳ ପ୍ରଦେଶର ବହୁ ଅଞ୍ଚଳ ନିଜ ଦାଖଲକୁ ନେଇସାରିଥିଲେ ମଧ୍ୟ ଭାରତ ନିରବଦ୍ରଷ୍ଟା ସାଜିଛି ଓ ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର । ପ୍ରତିପକ୍ଷ ପରସ୍ପର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପରସ୍ପର ମଧ୍ୟରେ ସମନ୍ୱୟ ଓ ସହଯୋଗ ରକ୍ଷା କରିବା ଉଚିତ ଓ ବିପକ୍ଷକୁ ଅଣଦେଖା କରି ବିଦେଶୀ ଚାପକୁ ବରଦାସ୍ତ କରିବା ଦେଶ ପାଇଁ ହାନିକାରକ ହୋଇପାରେ ।

# ଭାରତୀୟ ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

## ଯୁଧିଷ୍ଠିର ମହାରଣା

ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅନାଦାୟ ଋଣ ବା ଏନପିଏରେ ବୃଦ୍ଧିକୁ ନେଇ ବ୍ୟାଙ୍କ ଗୁଡ଼ିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିରେ ଋଣ ପରିମାଣ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କ ଗୁଡ଼ିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷ ଭିତରେ ଏଭଳି ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ କୋଟି ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କ ଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ ଦେଶରେ ଅସୁରକ୍ଷିତ ଋଣ ପରିମାଣ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକ ବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତଋଣ ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକ ବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକ ବର୍ଷ ଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣ ଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି ତେଣୁ ସେଗୁଡ଼ିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି।

ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣର ଦେଶର ସରକାରୀ ବ୍ୟାଙ୍କ ଗୁଡ଼ିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କ ଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କ ଗୁଡ଼ିକର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୁହଳର ବିଷୟ ହେଉଛି ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆରବିଆଇ ଏଡାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କ ଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍ପିଏରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ୍ୟ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ୍ୟ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥର୍ନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ୍ୟ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ୍ୟ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ୍ୟ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ୍ୟ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮

# ହିଲିଓଫାଇଲ

## ପ୍ରଫେସର ଡାକ୍ତର ସମ୍ରାଟ କର

ପୃଥିବୀରେ ବାସ କରୁଥିବା ପ୍ରତି ମଣିଷଙ୍କର ପସନ୍ଦ ଭିନ୍ନ ହୋଇଥାଏ। କିଏ ଜହ୍ନ ଦେଖି ଅମୋଦିତ ହୁଏ ତ କାହାକୁ ଜୋଛନା ଆତ୍ମ ସନ୍ତୋଷ ପ୍ରଦାନ କରେ। କାହାକୁ ରାତ୍ରିର ଅମା ଅନ୍ଧାର ଭଲ ଲାଗେ ତ କିଏ ସୂର୍ଯ୍ୟ ଆଲୋକ ଦେଖି ଖୁସି ହୁଏ। ତେବେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକକୁ ଅଧିକ ପସନ୍ଦ କରୁଥିବା ବ୍ୟକ୍ତିଙ୍କୁ ହିଲିଓଫାଇଲ କୁହାଯାଏ। ହିଲିଓ ଶବ୍ଦଟି ଗ୍ରୀକ ଶବ୍ଦ ହିଲିଅସରୁ ଆସିଛି। ହିଲିଅସର ଅର୍ଥ ସୂର୍ଯ୍ୟ। ସୂର୍ଯ୍ୟଙ୍କ ମଧ୍ୟରେ ହିଲିୟମ ଗ୍ୟାସ ଭରି ରହିଥିବାରୁ ଗ୍ରୀକ ଭାଷାରେ ସୂର୍ଯ୍ୟଙ୍କୁ ହିଲିଅସ କୁହାଯାଏ। ଅନୁରୂପ ଭାବରେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକ ପ୍ରତି ମାତ୍ରାଧିକ ଆସକ୍ତି ଥିବା ବ୍ୟକ୍ତିଙ୍କୁ ହିଲିଓଫାଇଲ କୁହାଯାଏ। ସୌର ରଶ୍ମୀ ପ୍ରାୟ ସମସ୍ତଙ୍କୁ ବିରକ୍ତ କରିଥାଏ। ଟିକେ ଟାଣ ଖରା ହେଲେ ଅନେକ ଘରୁ ବାହାରକୁ ବାହାରିବା ପାଇଁ ପସନ୍ଦ କରନ୍ତି ନାହିଁ। ଏପରିକି ଅନେକ ବ୍ୟକ୍ତି କ୍ଷୀପ୍ର ସୌର ରଶ୍ମୀ ସଂସ୍ପର୍ଶରେ ଆସିଲେ ସେମାନଙ୍କର ଆଲର୍ଜି ହେବା ସହ ଶରୀର ଲାଲ ପଡ଼ିଯାଏ। କିନ୍ତୁ ହିଲିଓଫାଇଲ ବ୍ୟକ୍ତିମାନେ ଠିକ ଏହାର ବିପରୀତ ହୋଇଥାନ୍ତି। ହିଲିଓଫାଇଲ ବ୍ୟକ୍ତିମାନଙ୍କୁ ପ୍ରାକୃତିକ ଭାବେ ସୌର ରଶ୍ମୀ ଆକର୍ଷିତ କରେ। ଏହି ବ୍ୟକ୍ତିମାନେ ସୂର୍ଯ୍ୟ କିରଣକୁ ଉପଭୋଗ କରିଥାନ୍ତି ଓ ସୂର୍ଯ୍ୟ ଆଲୋକରେ ଅଧିକ ସମୟ ବିତାଇବାକୁ ପସନ୍ଦ କରନ୍ତି। କୋଇ ମିଲ ଗୟା ସିନେମାର ଯାଦୁ ପରି ଏମାନେ ସୂର୍ଯ୍ୟ ଆଲୋକରୁ ଏକ ଅଦ୍ଭୁତ ସକାରାତ୍ମକ ଶକ୍ତି ପାଉଥିବା ଭଳି ଅନୁଭବ କରନ୍ତି। ଏପରିକି ଏମାନଙ୍କ ମାନସିକ ଶାନ୍ତି ଓ ଖୁସି ମଧ୍ୟ ସୂର୍ଯ୍ୟ ଆଲୋକ ଉପରେ ନିର୍ଭର କରିଥାଏ। ସୂର୍ଯ୍ୟଙ୍କ ଉପରେ ବାଦଲ ଆଚ୍ଛାଦିତ ହୋଇଗଲେ ବା ମେଘୁଆ ଦିନ ମାନଙ୍କରେ ଏମାନଙ୍କୁ ମାନ୍ଦା ଲାଗିଥାଏ। ନିର୍ମଳ ଆକାଶ ଓ ସ୍ପଷ୍ଟ ଭାବେ ସୂର୍ଯ୍ୟାଲୋକ ପଡୁଥିବା ଦିନଗୁଡ଼ିକୁ ହିଲିଓଫାଇଲ ବ୍ୟକ୍ତିମାନେ ଉପଭୋଗ କରିଥାନ୍ତି। ବୈଜ୍ଞାନିକ ମାନଙ୍କ କହିବା ଅନୁସାରେ ସୂର୍ଯ୍ୟ ଆଲୋକରେ ଅଧିକ ସମୟ ବିତାଇବା ଦ୍ୱାରା ଆମ ଶରୀରରେ ସେରୋଟୋନିନ ନାମକ ଏକ ହରମୋନ କ୍ଷରଣ ହୁଏ ଯାହା ଆମକୁ ଖୁସି ରଖିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ପ୍ରତିଦିନ ସୂର୍ଯ୍ୟ ଆଲୋକରେ ପନ୍ଦର ମିନିଟ ସମୟ ବିତାଇବା ଦ୍ୱାରା ଶରୀରରୁ ଭିଟାମିନ-ଡିର ଅଭାବ ମଧ୍ୟ ଦୂର ହୋଇଥାଏ। ଏହି ଚେତନାକୁ ଗ୍ରହଣ କରିଥିବା ଯେ କେହିଙ୍କୁ କେବଳ କ୍ଷଣସ୍ଥାୟୀ ନୁହେଁ ଦୀର୍ଘସ୍ଥାୟୀ ଆନନ୍ଦ ମଧ୍ୟ ମିଳିଥାଏ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ମହିମା ଧର୍ମ ଓ ଶୂନ୍ୟ ଯୋଗ

## ଅଲେଖ ଚନ୍ଦ୍ର ସାମଲ

ଆର୍ଯ୍ୟ ସନାତନ ଧର୍ମ ସଂସ୍କୃତିରେ ମହିମା ଧର୍ମର ସ୍ୱତନ୍ତ୍ରତା ରହିଛି। ସମାଜରେ ମଣିଷ ମଣିଷ ଭିତରେ ଧର୍ମ ଓ ଜାତି ଭେଦର ଭାବନା ସମୟରେ ଗୁରୁ ମହିମା ସ୍ୱାମୀ ମହିମା ଗୋସେଇଁ ବା ଅଲେଖ ଗୋସେଇଁ ଭାବରେ ବିଶୁଦ୍ଧ ବ୍ରହ୍ମବାଦର ଆଧ୍ୟାତ୍ମିକ ମାର୍ଗ ଦର୍ଶନ ନିମିତ୍ତ ଏକ ଜାଗରିତ ଚେତନାର ରୂପାନ୍ତରଣ ଥିଲେ। ଗାଁ ଗହଳିରେ ମହିମା ସ୍ୱାମୀଙ୍କୁ କେହି କେହି ଧୂଳିଆବାବା ନାମରେ ଡାକୁଥିଲେ। ପର୍ବତ ଗିରି କନ୍ଦରରେ ଆତ୍ମଯୋଗ ସମାଧିରେ ତପସ୍ୟାରତ ହୋଇ ସିଦ୍ଧିଲାଭ ପ୍ରାପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ତପସ୍ୟା ଅର୍ଜିତ ଜ୍ଞାନର ପ୍ରଚାର ପ୍ରସାର ପାଇଁ ମହିମା ଗୋସେଇଁ ପଦବ୍ରଜରେ ସମଗ୍ର ଉତ୍କଳ ପରିଭ୍ରମଣ କରୁଥିଲେ।

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ଆରମ୍ଭ ହୋଇଥିଲା ଧର୍ମର ଏକ ନୂତନ ମହିମା ମଣ୍ଡିତ ଅଧ୍ୟାୟ ମହିମା ଧର୍ମ। ଏହା ଉତ୍କଳର ନିଜସ୍ୱ ଧର୍ମମତବାଦ। ଏଥିରେ କୌଣସି ପ୍ରତିମା ପୂଜାକୁ ବିଶ୍ୱାସ କରାଯାଏନା ବା ପୂଜିତ କରାଯାଏନା। ଏହା ମାନବବାଦ ଉପରେ ପର୍ଯ୍ୟବେସିତ। ମହାଶୂନ୍ୟରେ ଅନନ୍ତ ନୀରବତା ବୋଲି କୁହାଯାଏ। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତା ଗ୍ରନ୍ଥଟି ପଞ୍ଚସଖା ମାନଙ୍କ ଶୂନ୍ୟ ସାଧନା ସମ୍ପର୍କରେ ଉଲ୍ଲେଖ କରିଛି। ଶୂନ୍ୟ ଦର୍ଶନ ହିଁ ଜ୍ୟୋତିବ୍ରହ୍ମ ଓ ପିଣ୍ଡ ବ୍ରାହ୍ମଣ୍ଡ ଦର୍ଶନ। ଭାରତୀୟ ଯୋଗରେ ଦୁଇଟି ଦର୍ଶନ ରହିଛି। ଗୋଟିଏ ଜ୍ୟୋତି ଅନ୍ୟଟି ଶୂନ୍ୟତା। ଶୂନ୍ୟତାକୁ ଅନ୍ତର ଭିତରେ ଉପଲବ୍ଧି କଲେ ମଣିଷର ମନ ଓ କାମନାର ବିନାଶ ହୋଇଥାଏ ଯାହାଦ୍ୱାରା ଚେତନ ଶକ୍ତି ଓ ପ୍ରାଣ ଶକ୍ତି ଜାଗରିତ ହୋଇଥାଏ। ଏହାଫଳରେ ଶୂନ୍ୟତାର ସ୍ଥିତି ମଧ୍ୟ ନିର୍ବାଣ ଭାବେ ପରିଚିତ ହୋଇଥାଏ। ଯୋଗରେ ଧାରଣାରୁ ଧ୍ୟାନସ୍ତରକୁ ଯିବା ପାଇଁ ଶୂନ୍ୟଯୋଗର ଆବଶ୍ୟକତା ରହିଛି। ଶୂନ୍ୟ ଯୋଗରେ ସ୍ଥିର ହୋଇଗଲେ ଏହା ନିର୍ବିକଳ୍ପ ସମାଧି ଦିଗରେ ବାଟ କଢ଼ାଇ ନେଇଥାଏ। ଏହି ସମୟରେ ଶୂନ୍ୟରୁ ଶକ୍ତି ସଂଗ୍ରହ କରି ସାଧକ ଶରୀରକୁ ଜୀବିତ ରଖିପାରନ୍ତି।

ମହିମା ଧର୍ମ ଏହି ଶୂନ୍ୟବାଦ ଓ ଶୂନ୍ୟଯୋଗକୁ ଜାଗରଣ ଶକ୍ତି ଭାବରେ ଆଧ୍ୟାତ୍ମିକତାର ଉପଲବ୍ଧିକୁ ସାଧନାର ପ୍ରଶସ୍ତ ମାର୍ଗ ଭାବେ ଦର୍ଶନର ତତ୍ତ୍ୱକୁ ଅବତାରଣ କରିଥାଏ। ଶୂନ୍ୟ ପରମବ୍ରହ୍ମଙ୍କ ଦିବ୍ୟ ଚେତନାରେ ସନ୍ଥକବି ଭୀମଭୋଇ ତାଙ୍କ ସମଗ୍ର କବିତାକୁ ଉତ୍ସର୍ଗ କରିଛନ୍ତି। ସମର୍ପଣ, ସତ୍ୟ ଓ ତ୍ୟାଗର ଜାଜ୍ଜୁଲ୍ୟମାନ ଦୀପ୍ତିରେ ଉଦ୍ଭାସିତ ହୋଇଛି ମହିମା ଧର୍ମର ବାଣୀ। ଯାହାପାଇଁ ଓଡ଼ିଶାର ଅନେକ ଗ୍ରାମାଞ୍ଚଳରେ ସ୍ଥାପନ ହୋଇଛି ମହିମା ଟୁଙ୍ଗୀ। ଯୋରନ୍ଦା ମେଳା ହେଉଛି ମହିମା ଧର୍ମାବଲମ୍ବୀଙ୍କ ସାଧନାର ମହୋତ୍ସବ। ମହିମାଧର୍ମର ମୁଖ୍ୟପୀଠ ହେଉଛି ଯୋରନ୍ଦା। ଶୂନ୍ୟମନ୍ଦିରରେ ପବିତ୍ର ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଏହି ଶୂନ୍ୟମନ୍ଦିରକୁ ମହିମାଶ୍ରିତମାନେ ଦର୍ଶନ କରି ମହିମା ସନ୍ନ୍ୟାସୀଙ୍କ ଆଶୀର୍ବାଦ ନେଇଛନ୍ତି। ବିଶାଳ ଝାଡ଼ଦୀପ ଶୂନ୍ୟ ମନ୍ଦିର ପ୍ରାଙ୍ଗଣରେ ପ୍ରଜ୍ଜ୍ୱଳିତ ହୋଇଥାଏ। ଅହୋରାତ୍ର ଖଞ୍ଜଣି ମାଡ଼ରେ ମହିମା ଭଜନ ମୁଖରିତ ହୋଇଥାଏ। ଚତୁର୍ଦ୍ଦଶୀ ଦିନ ମହିମା ପରମ୍ପରା ଅବଲମ୍ବନରେ ପ୍ରାତଃ ସମୟରୁ ମହିମା ସନ୍ନ୍ୟାସୀମାନେ ଶୂନ୍ୟ ଦେଇଙ୍କ ସମସ୍ତ ରୀତିନୀତି ପାଳନ କରିଥାନ୍ତି। ଏହି ଝାଡ଼ ଦୀପରେ ଘୃତ ଆହୂତି ଦିଆଯାଇଥାଏ। କେହି କେହି ମନସ୍କାମନା ପାଇଁ ନଡ଼ିଆ ଭୋଗ ସମର୍ପଣ କରିଥାନ୍ତି।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୬୧୨୩



# ଅଜିତଙ୍କ ମୃତ୍ୟୁରେ ବିଜେପିର ବଡ଼ ହାତ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ଖବର ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । ତାଙ୍କ ମୃତ୍ୟୁକୁ ନେଇ ଏବେ ପ୍ରଶ୍ନ ଉଠାଯାଉଛି । ଏହାକୁ ଦୁର୍ଘଟଣା ନୁହେଁ ବରଂ ଏକ ଷଡ଼ଯନ୍ତ୍ର ଭାବରେ ଦେଖାଯାଉଛି । ଶିବସେନା ୟୁବିଟି ସାଂସଦ ତଥା ମୁଖପାତ୍ର ସଞ୍ଜୟ ରାଉତ ଅଜିତ ପାୱାରଙ୍କ ମୃତ୍ୟୁ ନେଇ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି । ଏହାକୁ ନେଇ ରାଜନୈତିକ ମହଲରେ ଝଡ଼ ସୃଷ୍ଟି ହୋଇଛି ।



ଅଜିତ ପାୱାରଙ୍କ ମୃତ୍ୟୁକୁ ନେଇ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଉପରେ କହିଛନ୍ତି, ଅଜିତ ଦାଦାଙ୍କ ଦୁର୍ଘଟଣା ସମ୍ପର୍କରେ ନିଶ୍ଚିତ ଭାବରେ ପ୍ରଶ୍ନ ଉଠିବ । ଏପରି ହେବା ମଧ୍ୟ ଉଚିତ । ବିମାନ ଦୁର୍ଘଟଣାରେ କିପରି ମୃତ୍ୟୁ ହୋଇଥିଲା ଓ ଯେଉଁ ଅଭିଯୋଗଗୁଡ଼ିକ ଉଠୁଛି, ତାହାର ତଦନ୍ତ ହେବା ଉଚିତ । ମୁଁ ବିଶ୍ୱାସ କରେ ଏହି ଘଟଣାର ପରଦା ପଛରେ କିଛି ରହସ୍ୟ ରହିଥିବା ପରି ମନେ ହେଉଛି । ଅଜିତ ପାୱାରଙ୍କ ମୃତ୍ୟୁ ଏନସିପି ଭିତରେ ମଧ୍ୟ ଆଲୋଡ଼ନ ସୃଷ୍ଟି କରିଛି । ଏହାକୁ ନେଇ ପ୍ରଶ୍ନ ଠିକାରେ ଲାଗିଛି । ସଞ୍ଜୟ ରାଉତ କହିଛନ୍ତି, ତାଙ୍କର ମୃତ୍ୟୁ ସନ୍ଦେହଜନକ । ପରଦା ପଛରେ କିଛି ଘଟିଥିବ । ସନ୍ଦେହ ହେଉଛି । ଅଜିତ ଦାଦା କହିଥିଲେ ଯେ, ସେ ଘର ବାହୁଡ଼ିବାକୁ ଚାହାନ୍ତି । ଏହା ପରେ ବିଜେପି ସଦସ୍ୟମାନେ ତାଙ୍କୁ ଜଳସେଚନ ଦୁର୍ନୀତି ସହ ଜଡିତ ଫାଇଲ ନେଇ ଧମକ ଦେଇଥିଲେ । ଅଜିତଙ୍କୁ ମିଳିଥିବା ଧମକ ସମ୍ପର୍କରେ ସଞ୍ଜୟ ରାଉତ କହିଛନ୍ତି, ଅଜିତ ଫାଇଲଗୁଡ଼ିକ ଉପରେ ଜବାବ ଦେଇଥିଲେ । ତେବେ ଏହାର ୧୦ ଦିନ ମଧ୍ୟରେ ରହସ୍ୟମୟ ଭାବରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ନିପା ଭାଇରସ:ଭାରତକୁ ଡବ୍ଲ୍ୟୁଏଚ୍ଓ ମୁଖ୍ୟଙ୍କ ଚେତାବନୀ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍ଓ) ଭାରତରେ ସମ୍ପ୍ରତି ଦେଖାଦେଇଥିବା ନିପା ଭାଇରସ ସମ୍ପର୍କରେ ଏକ ଚେତାବନୀ ଜାରି କରିଛି । ଡବ୍ଲ୍ୟୁଏଚ୍ଓ ନିର୍ଦ୍ଦେଶକ ଜେନେରାଲ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟସସ୍ କହିଛନ୍ତି, ନିପା ଭାଇରସ ମାମଲା ଅତ୍ୟନ୍ତ ଗମ୍ଭୀର । ଏହି ଭାଇରସର ସାମ୍ପ୍ରତିକ ମାମଲା କେବଳ ଭାରତରେ ସୀମିତ ରହିଛି । ଅନ୍ୟ କୌଣସି ଦେଶରୁ ଏହାର କୌଣସି ମାମଲା ରିପୋର୍ଟ ହୋଇନାହିଁ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ, ଡବ୍ଲ୍ୟୁଏଚ୍ଓ ମୁଖ୍ୟ ପଶ୍ଚିମବଙ୍ଗରେ ରିପୋର୍ଟ ହୋଇଥିବା ଦୁଇଟି ମାମଲା ସମ୍ପର୍କରେ ସୂଚିତ କରି କହିଛନ୍ତି, ୧୯୯୮ରେ ପ୍ରଥମ ଥର ପାଇଁ ଭାଇରସ ଚିହ୍ନଟ ହେବା ପରଠାରୁ ଏହା ରାଜ୍ୟରେ ତୃତୀୟ ମାମଲା । ଭାରତରେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୧୯୦ ରୁ ଅଧିକ ଲୋକଙ୍କ ଉପରେ ନଜର ରଖାଯାଇଛି । ଏପର୍ଯ୍ୟନ୍ତ କେହି ଏହି ରୋଗରେ ଆକ୍ରାନ୍ତ ହୋଇନାହାନ୍ତି । ଭାରତରେ ଏନେଇ ନିରୀକ୍ଷଣ ଓ ପରୀକ୍ଷା ବୃଦ୍ଧି କରାଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ପ୍ରତିରୋଧ ଓ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି । ନିଜକୁ କିପରି ସୁରକ୍ଷା ଦେବେ ସେ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦିଆଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଗୋଟିଏ ଦିନ ପୂର୍ବରୁ କହିଥିଲା ଯେ, ଭାଇରସ ବ୍ୟାପିବାର ବିପଦ କମ୍ ରହିଛି । ଯାତ୍ରା ଅବା ବାଣିଜ୍ୟକୁ ପ୍ରତିବନ୍ଧକରେ କୌଣସି ଆବଶ୍ୟକତା ନାହିଁ । ମଣିଷରୁ ମଣିଷକୁ ଏହାର ସଂକ୍ରମଣର କୌଣସି ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ । ଭାରତର ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ନିପା ଭାଇରସର ଦୁଇଟି ମାମଲା ରିପୋର୍ଟ ହୋଇଥିଲା । ଉଭୟ ନର୍ସିଂ ଷ୍ଟାଫ୍ ଥିଲେ । ଅଧିକାରୀମାନେ କହିଛନ୍ତି, ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହୋଇଛି । ସେମାନଙ୍କର ନମୁନା ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିଛି । ପୁରୁଷ ନର୍ସଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି । ମହିଳା ନର୍ସଙ୍କୁ ଭେଣ୍ଟିଲେଟର ସପୋର୍ଟରୁ ବାହାର କରିଦିଆଯାଇଛି । ତାଙ୍କ ଉପରେ ନଜର ରଖାଯାଇଛି । ଉଭୟ ରୋଗୀଙ୍କ ମଧ୍ୟରେ ଡିସେମ୍ବର ୨୦୨୫ ଶେଷ ଭାଗରେ ଲକ୍ଷଣ ଦେଖାଯାଇଥିଲା । ସେମାନଙ୍କୁ ଜାନୁଆରୀ ୨୦୨୬ ଆରମ୍ଭରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା । ନିପା ଭାଇରସ ମଣିଷ ଶରୀରରେ ହେଉଥିବା ସବୁଠାରୁ ବିପଜ୍ଜନକ ସଂକ୍ରମଣ ମଧ୍ୟରୁ ଗୋଟିଏ । ସଂକ୍ରମଣ ପରେ ମୃତ୍ୟୁହାର ୪୦ ରୁ ୭୫ ରହିଥାଏ। ନିପା ଭାଇରସ ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ଦୁର୍ବଳ କରିଦେଇଥାଏ । ଅନ୍ୟ ଭାଇରସ ସଂକ୍ରମଣ ପ୍ରାୟତଃ ସୁସ୍ଥତା ଆଣିଥାଏ, କିନ୍ତୁ ନିପା ଭାଇରସ ଏହାର ବିପରୀତ କାର୍ଯ୍ୟ କରିଥାଏ । ଏହା ପ୍ରତିରକ୍ଷା ପ୍ରଣାଳୀର ପ୍ରତିକ୍ରିୟାକୁ ଭୁଲ ଦିଗକୁ ନେଇଥାଏ । ଏହି ଭାଇରସ ବାଦୁଡ଼ି ସହିତ ନିକଟତର ମଣିଷ ସମ୍ପର୍କରୁ ଅବା ଦୂଷିତ ଖାଦ୍ୟ ମାଧ୍ୟମରେ ବ୍ୟାପିଥାଏ ।



# ହଠାତ ଖସିଲା ସୁନା,ରୁପା ଦର

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** କ୍ରମାଗତ ତୃତୀୟ ଦିନ ପାଇଁ ସୁନା ଏବଂ ରୁପାର ମୂଲ୍ୟ ହ୍ରାସ ପାଇଛି । ଆଜି MCX ରେ ପ୍ରାରମ୍ଭିକ କାରବାରରେ ରୁପା ମୂଲ୍ୟ ପ୍ରାୟ ୨୨,୦୦୦ ଟଙ୍କା ଜଣକୁ ଖସିଛି । ସୁନା ମଧ୍ୟ ୭,୭୦୦ ଟଙ୍କା କମିଛି । ମାର୍ଚ୍ଚ ୫ ରେ ଡେଲିଭରି ହେବାକୁ ଥିବା ରୁପା ପୂର୍ବରୁ ୨,୬୫,୬୫୨ ପ୍ରତି କିଲୋଗ୍ରାମରେ ବନ୍ଦ ହୋଇଥିଲା । ଅଭିଜାତ ୨,୬୭,୫୦୧ ରେ ଖୋଲିଥିଲା କିନ୍ତୁ ଶୀଘ୍ର ହ୍ରାସ ମଧ୍ୟ ପାଇଛି । ପ୍ରାରମ୍ଭିକ କାଣ୍ଡିଂରେ ଏହା ୨୨,୦୦୦ ରୁ ଅଧିକ ହ୍ରାସ ପାଇ ୨,୪୩,୬୫୫ ରେ ପହଞ୍ଚିଛି । ସକାଳ ୧୦.୩୦ ରେ ଏହା ୨,୪୭,୬୧୭ ରେ ଟ୍ରେଣ୍ଡ କରୁଥିଲା ଯାହା ୧୯,୦୩୫ କିମ୍ବା ୭.୧୭% ହ୍ରାସ ପାଇଛି । ତିନି ଦିନରେ ରୁପା ମୂଲ୍ୟ ୧.୫ ଲକ୍ଷରୁ ଅଧିକ ଟଙ୍କା କମିଛି । ଏହି ସମୟରେ ସୁନା ମୂଲ୍ୟ ମଧ୍ୟ ହ୍ରାସ ପାଇଛି । ଏପ୍ରିଲ ୨ ଡେଲିଭରି ପାଇଁ ନିର୍ଦ୍ଧାରିତ ଥିବା ସୁନା ବ୍ୟବସାୟରେ ପ୍ରାୟ ୭,୭୦୦ ଟଙ୍କା ହ୍ରାସ ପାଇଛି । ପୂର୍ବରୁ ଏହା ୧୦ ଗ୍ରାମ ପ୍ରତି ୧,୪୭,୭୫୩ ଟଙ୍କାରେ ବନ୍ଦ ହୋଇଥିଲା ଏବଂ ଆଜି ୧,୪୬,୦୦୦ ଟଙ୍କାରେ ଖୋଲିଛି । ପ୍ରାରମ୍ଭିକ କାରବାରରେ ଏହା ୧,୪୦,୦୦୧ ଟଙ୍କାକୁ ହ୍ରାସ ପାଇଛି । ସକାଳ ୧୦.୪୧ରେ ଏହା ୨,୨୮୯ ଟଙ୍କା ହ୍ରାସ ପାଇ ୧,୪୫,୪୬୪ ଟଙ୍କାରେ କାରବାର କରୁଥିଲା । ରୁପା ମୂଲ୍ୟ ପୂର୍ବରୁ ୨୬,୨୭୩ ଟଙ୍କା କିମ୍ବା ୯% ହ୍ରାସ ପାଇ ପ୍ରତି କିଲୋଗ୍ରାମ ୨,୬୫,୬୫୨ ଟଙ୍କାରେ ବନ୍ଦ ହୋଇଥିଲା । ସୁନା ମଧ୍ୟ ୪,୫୯୨ ଟଙ୍କା କିମ୍ବା ୩% ହ୍ରାସ ପାଇ ପ୍ରତି ୧୦ ଗ୍ରାମ ୧,୪୭,୭୫୩ ଟଙ୍କାରେ ବନ୍ଦ ହୋଇଥିଲା । ଆନ୍ତର୍ଜାତିକ ସ୍ତରରେ ସୁନା ଏବଂ ରୁପା ମୂଲ୍ୟ ମଧ୍ୟ ହ୍ରାସ ପାଇଛି । ସ୍ପଟ୍ ସୁନା ପ୍ରତି ଆଉନ୍ସ ୪,୭୦୩.୩୭ ରେ କାରବାର ହେଉଥିଲା ଯାହା ୩.୩% ହ୍ରାସ ପାଇଥିଲା। ପୂର୍ବ ଅଧିବେଶନରେ ଏହା ୫% ରୁ ଅଧିକ ହ୍ରାସ ପାଇ ଦୁଇ ସପ୍ତାହ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା । ଏପ୍ରିଲରେ ଡେଲିଭରି ପାଇଁ ଆମେରିକୀୟ ସୁନା ଫ୍ୟୁଚର୍ସ ମଧ୍ୟ ୦.୩% ହ୍ରାସ ପାଇ ଆଉନ୍ସ ୪,୭୨୯.୨୦ ରେ କାରବାର ହେଉଥିଲା । ସ୍ପଟ୍ ରୁପା ମଧ୍ୟ ୫% ହ୍ରାସ ପାଇ ପ୍ରତି ଆଉନ୍ସ ୮୦.୨୮ ରେ ପହଞ୍ଚିଥିଲା । ଗୁରୁବାର ଏହା ପ୍ରତି ଆଉନ୍ସ ୧୨୧.୬୪ ର ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା । ଲାଭ ବୁକିଂ ଏବଂ ଡଲାର ମଜବୁତ ହେବା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟ ହ୍ରାସ ପାଇଥିଲା । ବିଶେଷଜ୍ଞମାନେ କହିଛନ୍ତି ଯେ ସୁନା ଏବଂ ରୁପା ମୂଲ୍ୟରେ ଯଥେଷ୍ଟ ଅସ୍ଥିରତା ଦେଖାଦେଇପାରେ । ଏହି ସପ୍ତାହରେ ରୁପା ପ୍ରତି ଆଉନ୍ସ ୬୫ ସମର୍ଥନ ପାଇପାରେ ଯେତେବେଳେ ସୁନା ପ୍ରତି ଆଉନ୍ସ ୪,୪୪୦ କୁ ଖସିପାରେ । ଡଲାର ସୂଚକାଙ୍କରେ ପରିବର୍ତ୍ତନ ଏବଂ ବିଶ୍ୱର ଅନେକ ସ୍ଥାନରେ ଉତ୍ତେଜନା ନିକଟ ଭବିଷ୍ୟତରେ ସୁନା ଏବଂ ରୁପା ମୂଲ୍ୟରେ ଅସ୍ଥିରତା ସୃଷ୍ଟି କରିପାରେ ।

# ଭାରତ ଯଦି ବାଂଲାଦେଶ ଉପରେ ଆକ୍ରମଣ କରେ ତେବେ ପାକିସ୍ତାନ ନେବ ପ୍ରତିଶୋଧ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶ ସମ୍ପୂର୍ଣ୍ଣ ଭାବରେ ପାକିସ୍ତାନର କବଳରେ ପଡ଼ିଯାଇଛି। ଯେଉଁ ପାକିସ୍ତାନର ଅତ୍ୟାଚାରରୁ ଭାରତ ବାଂଲାଦେଶକୁ ମୁକ୍ତ କରିଥିଲା , ସେହି ପାକିସ୍ତାନ ଏବେ ୟୁନୁସଙ୍କ ସରକାରଙ୍କୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଉଛି । ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଦଳ ପାକିସ୍ତାନ ମୁସଲିମ ଲିଗ୍-ନୱାଜ(ପିଏମଏଲ-ଏନ)ର ନେତା କାମରାନ ସଇଦ ଉସମାନି ଭାରତକୁ ଧମକ ଦେଇଛନ୍ତି । ସେ କହିଛନ୍ତି, ଯଦି ଭାରତ ବାଂଲାଦେଶ ଉପରେ ଆକ୍ରମଣ କରେ, ତେବେ ପାକିସ୍ତାନ ପୂର୍ଣ୍ଣ ଶକ୍ତି ସହିତ ଡାକା ସହିତ ଛିଡ଼ା ହେବ । ସେ ମେ’୨୦୨୫ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଂଘର୍ଷକୁ ନେଇ ନିଜକୁ ଗୌରବାନ୍ୱିତ ମନେ କରୁଥିବା କହିଛନ୍ତି । କାମରାନ ସଇଦ ଓସମାନି ପାକିସ୍ତାନର ପତାକା ସହିତ ବାଂଲାଦେଶ ପତାକା ଲଗାଯାଇଥିବା ଏକ ଭିଡିଓ ଜାରି କରିଛନ୍ତି । ଭିଡିଓରେ ସେ ଭାରତକୁ ଧମକ ଦେଉଥିବାର ଶୁଣିବାକୁ ମିଳୁଛି । ସେ କହିଛନ୍ତି, ଆଜି ମୁଁ ଜଣେ ରାଜନେତା ଭାବରେ ନୁହେଁ, ବରଂ ବାଂଲାଦେଶର ମାଟି, ଇତିହାସ, ତ୍ୟାଗ ଓ ସାହସକୁ ସଲାମ କରୁଥିବା ଜଣେ ବ୍ୟକ୍ତି ଭାବରେ କହୁଛି । ଯେତେବେଳେ ମୁଁ ୨୦୨୧ରେ ଏହି ଅଭିଯାନ ଆରମ୍ଭ କରିଥିଲି, ସେତେବେଳେ କେହି ମୋ ସହିତ ନଥିଲେ। ଆଜି ମୋ ସହିତ ବାଂଲାଦେଶ ଓ ପାକିସ୍ତାନ ଏକାଠି ଠିଆ ହୋଇଛନ୍ତି। ମୁଁ କୌଣସି ରାଜନୈତିକ ବିବୃତି ଦେଉ ନାହିଁ । ଉସମାନ ହାଦି କହିଥିଲେ, ବାଂଲାଦେଶକୁ କୌଣସି ଦେଶର ଉପନିବେଶ ହେବାକୁ ଦିଆଯିବ ନାହିଁ। ବାଂଲାଦେଶରେ କାହାର ଗୁଣ୍ଡାଗିରିକୁ ସହ୍ୟ କରାଯିବ ନାହିଁ । ବାଂଲାଦେଶକୁ କାହାର ଦାସ ହେବାକୁ ଦିଆଯିବ ନାହିଁ । କିନ୍ତୁ ତାଙ୍କୁ ଶେଷରେ ହତ୍ୟା କରାଯାଇଥିଲା। କାମରାନ ସଇଦ କହିଛନ୍ତି, ଉସମାନ ହାଦିଙ୍କୁ ହତ୍ୟା କରାଯାଇଥିଲେ ମଧ୍ୟ ତାଙ୍କର ବିଚାରଧାରାର ହତ୍ୟା ହୋଇନି । ଆଜି ବାଂଲାଦେଶର ଲୋକମାନେ ଭାରତର ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ମୁଁ ମୋର ବାଂଲାଦେଶୀ ଭାଇଭଉଣୀମାନଙ୍କୁ କହିବାକୁ ଚାହୁଁଛି, ଆମେ ଆପଣଙ୍କ ସହିତ ଠିଆ ହୋଇଛୁ । ଯଦି କୌଣସି ଦେଶ ବାଂଲାଦେଶ ଉପରେ ଚାପ ପକାଇବାକୁ ଚେଷ୍ଟା କରେ କିମ୍ବା ବାଂଲାଦେଶର ସ୍ୱାୟତ୍ତତା ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରେ, ତେବେ ପାକିସ୍ତାନର ଲୋକେ ଆପଣଙ୍କ ସହିତ ଠିଆ ହେବେ । ମୁଁ ଚେତାବନୀ ଦେଉଛି, ଯଦି କେହି ବାଂଲାଦେଶକୁ ଖରାପ ନଜରରେ ଦେଖିବାକୁ ସାହସ କରେ, ତେବେ ପାକିସ୍ତାନୀ ଲୋକେ, ପାକିସ୍ତାନୀ ସେନା ଓ ଆମର କ୍ଷେପଣାସ୍ତ୍ର ସେଭଳି ଦେଶଙ୍କଠାରୁ ଦୂରରେ ନାହିଁ । ଆମେ ଅପରେସନ ସିନ୍ଦୂର ବିରୋଧରେ ଅପରେସନ ବୁନୟାନ ଅଲ୍ ମାର୍ସୁସ୍ ମାଧ୍ୟମରେ ଯେପରି ଝଟକା ଦେଇଥିଲୁ ସେହିପରି ପଦକ୍ଷେପ ଗ୍ରହଣ କରିବୁ ବୋଲି ବୃଥା ଧମକ ଦେଇଛନ୍ତି ।

# ହ୍ୟାକର୍ସଙ୍କ ଟାର୍ଗେଟରେ କୋଟି କୋଟି ୟୁଜର୍ସ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**କ’ଣ ଆପଣ ମଧ୍ୟ ଇଣ୍ଟରନେଟ୍ ଚଳାଇବା ପାଇଁ ମୋଜିଲା ଫାୟାରଫକ୍ସ ବ୍ରାଉଜର ବ୍ୟବହାର କରନ୍ତି ?ଯଦି କରନ୍ତି, ତେବେ ସରକାରଙ୍କ ସାଇବର ସୁରକ୍ଷା ଏଜେନ୍ସିCERT-Inଆପଣଙ୍କ ଭଳି ସବୁ ୟୁଜରଙ୍କ ପାଇଁ ଏକ ହାଇ ଭର୍ସନ ସିକ୍ୟୁରିଟି ଆର୍ଲଟ ଜାରି କରିଛି । ରିପୋର୍ଟ ଅନୁଯାୟୀ, ମୋଜିଲା ଫାୟାରଫକ୍ସ ବ୍ରାଉଜରର କିଛି ଭର୍ସନରେ ଗମ୍ଭୀର ତ୍ରୁଟି ମିଳିଛି, ଯାହାକୁ ହ୍ୟାକର୍ସ ଆପଣଙ୍କ କମ୍ପ୍ୟୁଟର କିମ୍ବା ଫୋନରେ ପ୍ରବେଶ କରିବା ପାଇଁ ବ୍ୟବହାର କରିପାରିବେ । ଏହି ସରକାରୀ ସଂସ୍ଥା କିଛି ସମୟ ପୂର୍ବରୁ ଆଣ୍ଡ୍ରଏଡ୍ ଏବଂ ଆପଲ ବ୍ୟବହାରକାରୀଙ୍କ ପାଇଁ ଏକ ଚେତାବନୀ ମଧ୍ୟ ଜାରି କରିଥିଲା । ଏବେ, ଆପଣଙ୍କ ଗୋପନୀୟତା ଏବଂ ତଥ୍ୟକୁ ସୁରକ୍ଷା ଦେବା ପାଇଁ, ସରକାର ଆପଣଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇ ଏକ ଆଡଭାଇଜରୀ ଜାରି କରିଛନ୍ତି। CERT-In ଅନୁଯାୟୀ, ମୋଜିଲା ପ୍ରଡକ୍ଟରେ ଅନେକ ଦୁର୍ବଳତା ଅଛି । ଏହି ଦୁର୍ବଳତାକୁ ବ୍ୟବହାର କରି, ହ୍ୟାକର୍ସ ଦୂରରୁ ଆପଣଙ୍କ ସିଷ୍ଟମରେ ପ୍ରବେଶ କରିପାରିବେ। ଏହା କରିବା ପାଇଁ, ହ୍ୟାକର୍ସ ମୋଜିଲା ଫାୟାରଫକ୍ସ ବ୍ୟବହାରକାରୀଙ୍କୁ ନିର୍ଦ୍ଦିଷ୍ଟ ୱେବ୍ ରିକ୍ୱେଷ୍ଟ କିମ୍ବା ଲିଙ୍କ୍ ପଠାଇ ପାରିବେ । ଏହି ଲିଙ୍କ୍ ଉପରେ କ୍ଲିକ୍ କରିବା ଦ୍ୱାରା ୟୁଜରଙ୍କ ତଥ୍ୟ ଚୋରି ହୋଇପାରେ । ଚିନ୍ତାର ବିଷୟ ହେଉଛି, ଇମେଲ୍ କ୍ଲାଏଣ୍ଟ ‘ଥଣ୍ଡରବର୍ଡ’ ଉପରେ ମଧ୍ୟ ସମାନ ବିପଦ ରହିଛି, ଯେଉଁଠାରେ ହ୍ୟାକର୍ସ ଏନକ୍ରିପ୍ଟେଡ୍ ଇମେଲରୁ ମଧ୍ୟ ବିବରଣୀ ବାହାର କରିପାରିବେ । ତେଣୁ, ଯଦି ଆପଣଙ୍କର ବ୍ରାଉଜରକୁ ଅପଡେଟ୍ କରିନାହାଁନ୍ତି, ତେବେ ଆପଣଙ୍କର ବ୍ୟାଙ୍କ ବିବରଣୀ ଏବଂ ପାସୱାର୍ଡ ବିପଦରେ ପଡ଼ିପାରେ ।

# ମୁଁ ତୁମ ପରାମର୍ଶଦାତା ନୁହେଁ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ସଂସଦ ବଜେଟ୍ ଅଧିବେଶନରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଲୋକସଭାରେ ଚର୍ଚ୍ଚା ହୋଇଛି । ଏଥିରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୂର୍ବ ସେନା ପ୍ରମୁଖ ମନୋଜ ରନୱାଣେଙ୍କ ବିଷୟରେ କହି ଡୋକଲାମ ଏବଂ ଚୀନ ସୀମାରେ ଟ୍ୟାଙ୍କ ଉପସ୍ଥିତିର ଉଲ୍ଲେଖ୍ୟ କରିଥିଲେ । ଏହାକୁ ନେଇ ଗୃହରେ ପ୍ରବଳ ହୋ ହାଲ୍ଲା ହୋଇଥିଲା । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହି ବୟାନ ଉପରେ ଆପତ୍ତି ଉଠାଇଥିଲେ । ଏହାପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ରାହୁଲଙ୍କ ବୟାନକୁ ବିରୋଧ କରିଥିଲେ । ଏହି ସମୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦର ନିୟମ ୩୪୯ ଉଦ୍ଧୃତ କରି ରାହୁଲ ଗାନ୍ଧୀଙ୍କୁ ଜେନେରାଲ ନରୱୋଣେଙ୍କ ଅପ୍ରକାଶିତ ପୁସ୍ତକକୁ ଉଲ୍ଲେଖ୍ୟ ନକରିବାକୁ ଅନେକ ଥର ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାହୁଲ ଗାନ୍ଧୀ ବାରମ୍ବାର ସମାନ କାର୍ଯ୍ୟ କରିଥିଲେ । ଏହାପରେ ବାଚସ୍ପତି ଓମ୍ ବିର୍ଲା ରାହୁଲ ଗାନ୍ଧୀଙ୍କ ବର୍ଷିଛନ୍ତି । ଗୃହରେ ହଟ୍ଟଗୋଳ ଏବେ ବଢିଲା ଯେ କେହି କାହା କଥା ଶୁଣିଲେ ନାହିଁ ।ଏହାପରେ ରାହୁଲ ଗାନ୍ଧୀ ବାଚସ୍ପତି ଓମ୍ ବିର୍ଲାଙ୍କୁ ପଚାରିଲେ, ତା ପରେ ମୋର କଣ କହିବାକୁ ଅଛି କୁହନ୍ତୁ । ବାଚସ୍ପତି ତାଙ୍କୁ ଆଶ୍ୱସ୍ତ କରି କହିଲେ, ମୁଁ ଆପଣଙ୍କ ପରାମର୍ଶଦାତା ନୁହେଁ କିନ୍ତୁ ଏଠାରେ ଆଲୋଚନା ହେଉଥିବା ପ୍ରସଙ୍ଗରେ



ଆପଣଙ୍କୁ କହିବା ଉଚିତ୍ ।ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ ଯେ, କେଉଁ ନିୟମ ଆମକୁ ଭାରତ-ଚୀନ ସମ୍ପର୍କ ଉପରେ ଆଲୋଚନା କରିବାରୁ ବାଧା ଦେଉଛି । ବାଚସ୍ପତି ଉତ୍ତର ଦେଇଥିଲେ, ଆପଣ ଏପରି ପୁସ୍ତକ ବିଷୟରେ କହୁଛନ୍ତି ଯାହା ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନୁସାରେ ପ୍ରକାଶିତ ହୋଇନାହିଁ । ଏହାଛଡା ଆପଣ ଯେଉଁ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି ତାହାର କୌଣସି ପ୍ରାସଙ୍ଗିକତା ନାହିଁ । ରାହୁଲ ଗାନ୍ଧୀ ଜିଦ୍ ଧରି ବାଚସ୍ପତିଙ୍କୁ ପଚାରିଲେ, ଆପଣ କଣ କହୁଛନ୍ତି ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣର ବୈଦେଶିକ ନୀତି ସହିତ କୌଣସି ସମ୍ପର୍କ ନାହିଁ ? ବାଚସ୍ପତି ଉତ୍ତର ଦେଇଥିଲେ ଦୟାକରି ହାତରେ ଥିବା ବିଷୟବସ୍ତୁ କୁହନ୍ତୁ। ଆପଣଙ୍କୁ ଏହି ନିୟମ ବିଷୟରେ ଅନେକ ଥର ଅବଗତ କରାଯାଇଛି ।

# ଷ୍ଟକ୍ ବଜାର କାରବାରରେ ସୁଧାର, ନିବେଶକ ଉତ୍ସାହିତ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ଗତକାଲି ବଜେଟ୍ ଘୋଷଣା ପରେ ଅସ୍ଥିର ହୋଇପଡ଼ିଥିବା ଷ୍ଟକ୍ ବଜାର କାରବାରରେ ସୋମବାର ସୁଧାର ଘଟିଛି । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୯୪୩ ପଏଣ୍ଟ ବୃଦ୍ଧି ପାଇ ୮୧,୬୬୬ ପଏଣ୍ଟରେ ବନ୍ଦ ହୋଇଛି । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୨୬୨ ପଏଣ୍ଟ ବୃଦ୍ଧି ପାଇ ୨୫,୦୮୮ ପଏଣ୍ଟରେ ବନ୍ଦ ହୋଇଛି । ଗତକାଲି ସେନ୍ସେକ୍ସରେ ୧୫୪୬ପଏଣ୍ଟ ହ୍ରାସ ଘଟିବାରୁ ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହରାଇଥିଲେ। ଗତକାଲି ନିଫ୍ଟି ୪୯୫ ପଏଣ୍ଟ ହ୍ରାସ ପାଇଥିଲା। ବଜେଟରେ ପ୍ରତିଭୂତି କାରବାର ଟିକସ (ଏସ୍ଟିଟି) ବାଢ଼ିବା ପ୍ରସ୍ତାବ ଘୋଷଣା ପରେ ଗତକାଲି ନିବେଶକମାନେ ନିରାଶ ହୋଇଥିଲେ । ବିଶେଷଜ୍ଞମାନଙ୍କ ମତରେ ବଜେଟରେ ଫ୍ୟୁଚର ଆଣ୍ଡ ଅପ୍ସନ (ଏଫ୍ଆଣ୍ଡଓ) ଉପରେ ଏସ୍ଟିଟି ବୃଦ୍ଧି ଓ ଅଧିକ ଋଣ କରିବା ଘୋଷଣା ଯୋଗୁଁ ଗତକାଲି ବଜାରରେ ଅସ୍ଥିରତା ସୃଷ୍ଟି ହୋଇଥିଲା । କିନ୍ତୁ ଆଜି ସେଥିରେ ଚମତ୍କାର ସୁଧାର ଘଟିଛି । ଅର୍ଥନୈତିକ ଅଭିବୃଦ୍ଧି ଓ ଆର୍ଥିକ ଶୃଙ୍ଖଳା ଉପରେ ସରକାର ଧ୍ୟାନ ଦେଇଥିବାରୁ ମଧ୍ୟମ-କାଳୀନ ଓ ଦୀର୍ଘକାଳୀନ ସମୟରେ ଆୟ ବିବାର ସମ୍ଭାବନା ରହିଥିବା ଜାଣିବା ପରେ ନିବେଶକମାନେ ଆଜି ଅଧିକ ନିବେଶ କରିଥିଲେ । ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟିବା ଖବର ମଧ୍ୟ ବଜାର ପାଇଁ ସୁହାଇଥିଲା । ଭୂରାଜନୈତିକ ସଙ୍କଟ ଧୀରେ ଧୀରେ ଦୂର ହେଉଥିବାରୁ ନିବେଶକମାନେ ଏକପ୍ରକାର ଆଶ୍ୱସ୍ତ ହୋଇଛନ୍ତି । ଆଜି ନିଫ୍ଟିରେ ପାୱାର ଗ୍ରିଡ୍, ଟାଟା ମୋଟର୍ସ ପିଭି, ଆଦାନୀ ପୋର୍ଟସ୍ ଏସ୍ଇଜେଡ୍, ଟାଟା କଞ୍ଜ୍ୟୁମର, ବିଇଏଲ୍, ରିଲାଏନ୍ସ, ଆଦାନୀ ଏଣ୍ଟରପ୍ରାଇଜେସ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ହିଣ୍ଡାଲ୍କୋ, ଏଲ୍ଆଣ୍ଟି ଓ ଇଣ୍ଡିଗୋର ସେୟାର ମୂଲ୍ୟ ବୃଦ୍ଧି ପାଇଛି ।

# ବୋନସ୍ ପାଇଁ ହାଲ୍ ଅଧିକାରୀମାନେ ଜାତୀୟ ସୁରକ୍ଷାକୁ ଅଣଦେଖା କରୁଥିଲେ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ଅପରେସନ୍ ସିନ୍ଦୂର ପରେ, ଭାରତୀୟ ସଶସ୍ତ୍ର ବାହିନୀ ନିରନ୍ତର ସେମାନଙ୍କର ଶକ୍ତି ବୃଦ୍ଧି କରିବା ପାଇଁ କାର୍ଯ୍ୟ କରୁଛନ୍ତି । ଏପରି ପରିସ୍ଥିତିରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ୨୦୨୬-୨୭ ସାଧାରଣ ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରତିରକ୍ଷା ବଜେଟ୍ ପାଇଁ ୭.୮୪ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଗତ ବର୍ଷର ବଜେଟ୍ରେ ଏହି ପରିମାଣ ୬,୮୧,୨୧୦ କୋଟି ଟଙ୍କା ଥିଲା । କେନ୍ଦ୍ର ପ୍ରତିରକ୍ଷା କ୍ଷେତ୍ରର ବଜେଟ୍ ବୃଦ୍ଧି କରିଛି । ତଥାପି, କେନ୍ଦ୍ର ବଜେଟ୍ ବିଷୟରେ ଆଲୋଚନା ମଧ୍ୟରେ, ଅବସରପ୍ରାପ୍ତ ଏୟାର ମାର୍ଶାଲ୍ ଦୀପ୍ତେନ୍ଦୁ ଚୌଧୁରୀଙ୍କ ଏକ ଭିଡିଓ ଶିରୋନାମା ପାଲଟିଛି । ଏହି ଭିଡିଓରେ, ସେ ଦାବି କରିଛନ୍ତି ଯେ, ହାଲ୍(ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍)କର୍ମଚାରୀମାନେ ବୋନସ୍ ଲୋଭରେ ଉତ୍ପାଦନରେ ବିଳମ୍ବ କରୁଥିଲେ। ଏୟାର ମାର୍ଶାଲ ଦୀପ୍ତେନ୍ଦୁ ଚୌଧୁରୀ ଜଣେ ଅବସରପ୍ରାପ୍ତ ଭାରତୀୟ ବାୟୁସେନା ଅଧିକାରୀ । ପରମ ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟସେବା ପଦକ, ବାୟୁ ସେନା ପଦକ ଓ ବିଶିଷ୍ଟ ସେବା ପଦକ ପାଇଛନ୍ତି । ତାଙ୍କର ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ସେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡର କର୍ମଚାରୀମାନଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି । କର୍ମଚାରୀମାନେ ବର୍ଷ ଶେଷ ବୋନସ୍ ପାଇବା ପାଇଁ ଉତ୍ପାଦନରେ ବିଳମ୍ବ କରୁଥିବା ସେ ଭିଡିଓରେ କହୁଛନ୍ତି । ଅବସରପ୍ରାପ୍ତ ଏୟାର ମାର୍ଶାଲ ଦୀପ୍ତେନ୍ଦୁ ଚୌଧାରୀଙ୍କ ଏହି ଭିଡିଓକୁ ମେଜର ଦିଗବିଜୟ ସିଂହ ରାୱତ ସୋସିଆଲ ମିଡିଆ ଏକ୍ସରେ ସେୟାର କରିଛନ୍ତି । କୀର୍ତ୍ତିଚକ୍ର ବିଜେତା ମେଜର ଦିଗବିଜୟ ସିଂହ ରାୱତ ତାଙ୍କ ପୂର୍ବତନ ଆକାଉଣ୍ଟରେ ଭିଡିଓଟି ସେୟାର କରି ଲେଖିଛନ୍ତି, ହାଲର କର୍ମଚାରୀମାନେ ବର୍ଷ ଶେଷରେ ବୋନସ୍ ପାଇବା ପାଇଁ ଉତ୍ପାଦନରେ ବିଳମ୍ବ କରୁଥିଲେ ।

## ପାକ୍ ବିଶେଷଜ୍ଞଙ୍କ ଚେତାବନୀ

# ରୁଷଠାରୁ ଏସୟୁ-୫୭ କିଣିଲେ ଭାରତ ଉପରେ ଆମେରିକା ନେଇପାରେ ଆକ୍ସନ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):** ରବିବାର ଭାରତ୨୦୨୬ ୟୁନିୟନ ବଜେଟ୍ ଆଗତ କରିଛି । ଏହା ସହ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଯାଇଛି ଯେ,ଭାରତ ପ୍ରତିରକ୍ଷା କ୍ଷେତ୍ରରେ କେତେ ଓ କେଉଁଠି ଖର୍ଚ୍ଚ କରିବାକୁ ଯାଉଛି । ଭାରତର ପ୍ରତିରକ୍ଷା ବଜେଟରୁ ସବୁଠାରୁ ଅଧିକ ଚିନ୍ତାରେ ରହିଛି ପକିସ୍ତାନ । ସେଠାରେ ଏହାର ଖୁବ୍ ଚର୍ଚ୍ଚା ହେଉଛି । ପାକିସ୍ତାନ ବିଶେଷଜ୍ଞ କମର ଚିମା ପ୍ରଥମେ ଭାରତର ବଜେଟ୍ ଦେଖି ଆଶ୍ଚର୍ଯ୍ୟ ଚକିତ କରିଥିଲେ । ଏହାପରେ କହିଥିଲେ,ଯଦି ରୁଷର ହତିଆର ଭାରତ କିଣେ ତେବେ କ’ଣ ଆମେରିକା ତା ଉପରେ ସିଏଏଟିଏସ୍ ଆକ୍ଟ (କାଉ ଣ୍ଟରିଂ ଆମେରିକାଜ୍ ଆଡଭର୍ସରିଜ୍ ଥ୍ରୁ ସେକ୍ସନ ଆକ୍ଟ) ଲଗାଇବ ନାହିଁ । କମର ଚିମା କହିଛନ୍ତି, ଯଦି ଭାରତ ଏସ୍ୟୁ-୫୭ କିଣେ ତେବେ ଏହାର ଅର୍ଥ ଆମେରିକାର ଚାପ ପରେ ଭାରତ ତାଙ୍କଠାରୁ ଏଫ୍-୩୫ କିଣୁନାହିଁ। ସେ କହିଛନ୍ତି,ଏସୟୁ-୫୭ କିଣିବାର ଗୋଟିଏ କାରଣ ଏହା ଯେ,ତାଙ୍କୁ ଖୁବ୍ ଶୀଘ୍ର ମିଳିପାରେ । କାରଣ ଏହାର ରୁଷ ସହିତ ସେହି କନଫର୍ଟ ଲେଭଲ ରହିଛି,କିନ୍ତୁ ଏଥିରେ ମଧ୍ୟ କଥା ରହିଛି ଖୁବ୍ ଶୀଘ୍ର ଇଣ୍ଡିଆକୁ ଏସ୍-୪୦୦ ଦରକାର ଥିଲା, ତାହା ଆସିଲାନି । ପାକିସ୍ତାନୀ ବିଶେଷଜ୍ଞ କହିଛନ୍ତି ଯେ ଏସୟୁ-୫୭ ଏକ ପଞ୍ଚମ ପିଢ଼ିର ଜେଟ୍ । ଭାରତ ପାଖରେ ପୂର୍ବରୁ ୪.୫ ପିଢ଼ିର ଅସ୍ତ୍ରଶସ୍ତ୍ର ଅଛି । ଭାରତ ସେମାନେ ତୁର୍କୀକୁ ଦେଇ ନଥିଲେ ।’ କମର ଚିମା କହିଛନ୍ତି ଯେ ଭାରତ ମୂଳତଃ ଏସୟୁ-୫୭ କ୍ରୟ କରୁଛି। କାରଣ ତାକୁ ଲାଗୁଛି ସେ ଏହାର ଲୋକାଲ ଭର୍ସନ ତିଆରି କରିପାରେ ଓ ଆମେରିକା



ଉପରେ ଆମେରିକା CAATS ଆଇନ (କାଉ ଣ୍ଟରିଂ ଆମେରିକାଜ୍ ଆଡଭର୍ସରିଜ୍ ଥ୍ରୁ ସେକ୍ସନ ଆକ୍ଟ ) ଲାଗୁ କରିବ କି ନାହିଁ ତାହା ଦେଖିବା ବାକି ଅଛି। ସେ କହିଛନ୍ତି ଯେ ଶେଷ ଥର ପାଇଁ ଭାରତ ରୁଷଠାରୁ ଏସ୍-୪୦୦ କିଣିବା ସମୟରେ, ଆମେରିକା ସିଏଏଟିଏସ୍ ଆଇନ ଲାଗୁ କରିନଥିଲା। ସେମାନେ କହିଥିଲେ, ‘ଆମେ ତୁମକୁ ଛାଡ ଦେଉଛୁ,ଯାହା ଟେକ୍ନୋଲୋଜି ଟ୍ରାନ୍ସଫର କରେନି। ସିଏଏଟିଏସ୍ ଆଇନ ହେଉଛି ଏକ ଆମେରିକୀୟ ଆଇନ ଯାହା ରୁଷ, ଇରାନ ଏବଂ ଦକ୍ଷିଣ କୋରିଆ ସହିତ ଗୁରୁତ୍ୱପୂର୍ଣ୍ଣ କାରବାର କରୁଥିବା ଦେଶ କିମ୍ବା ସଂସ୍ଥା ଉପରେ ପ୍ରତିବନ୍ଧକ ଲଗାଏ । ରୁଷଠାରୁ ଏସ୍-୪୦୦ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ୨୦୨୦ରେ ତୁର୍କୀ ଉପରେ ଏହି ଆଇନ ଲାଗୁ କରାଯାଇଥିଲା ।

# ଆଇଆରଜିସିକୁ ଆତଙ୍କୀ ଘୋଷିତ କରିବା ନେଇ ଇରାନ କ୍ଷୁବ୍ଧ

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ଇରାନ ଓ ୟୁରୋପୀୟ ସଂଘ ଭିତରେ କୁଟନେତିକ ବିବାଦ ଲଗାତାର ବଢିବାରେ ଲାଗିଛି। ଏହା ଭିତରେ ଇରାନ ନିଜର ଅର୍ଦ୍ଧସାମରିକ ସେନା ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର (ଆଇଆରଜିସି)କୁ ଆତଙ୍କବାଦୀ ସଂଗଠନ ଘୋଷିତ କରିଛି । ଏହାକୁ ନେଇ ୟୁରୋପୀୟ ସଂଘ (ଇୟୁ)ର ନିଷ୍ପତ୍ତି ବିରୋଧରେ ସବୁ ଇୟୁ ରାଷ୍ଟ୍ରଦୂତଙ୍କୁ ଜବାବ ତଲବ କରାଯାଇଛି । ଏହି ପଦକ୍ଷେପ ଏଭଳି ସମୟରେ ନିଆଯାଇଛି ଯେତେବେଳେ ନିକଟରେ ଇରାନ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ଉପରେ କଥିତ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଓ ସାମୁହିକ ଫାଶୀ ମାମଲା କାରଣରୁ ଆମେରିକାରୁ ସମ୍ଭାବିତ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରତି ବିପଦ ସହିବାକୁ ପଡୁଛି।



ଆମେରିକା ସେନା ୟୁଏସ୍ ଆବ୍ରାହମ ଲିଙ୍କନ ବିମାନବାହକ ଯୁଦ୍ଧ ଜାହାଜ ଓ ବହୁ ମିସାଇଲ ବିଧ୍ୱଂସକ ଜାହାଜକୁ ପଶ୍ଚିମ ଏସିଆରେ ମୁତୟନ କରିଦେଇଛି । ଯଦିଓ ଏବେ ଏବେ ସ୍ପଷ୍ଟ ହୋଇପାରିନି ଯେ,ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମରିକ ବଳ ପ୍ରୟୋଗ କରିବାର ନିଷ୍ପତ୍ତି ନେବେ କି ନାହିଁ। କାରଣ ଆଞ୍ଚଳିକ ଦେଶ ପଶ୍ଚିମ ଏସିଆରେ ଆଉ ଏକ ନୂଆ ଯୁଦ୍ଧକୁ ରୋକିବା ପାଇଁ କୁଟନେତିକ ଚେଷ୍ଟା କରୁଛନ୍ତି । ଉଲ୍ଲେଖନୀୟ ଯେ, ୟୁରୋପୀୟ ସଂଘ ଗତ ସପ୍ତାହ ଇରାନରେ ଦେଶବ୍ୟାପୀ ପ୍ରଦର୍ଶନ ଉପରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନରେ ଆଇଆରଜିସିର ଭୂମିକା କାରଣରୁ ଏହାକୁ ଆତଙ୍କବାଦ ସଂଗଠନ ଘୋଷିତ କରିବା ଉପରେ ସହମତି ପ୍ରକାଶ କରିଥିଲା । ଏହି ପ୍ରଦର୍ଶନରେ ହଜାର ହଜାର ଲୋକଙ୍କର ମୃତ୍ୟୁ ହୋଇଛି ଓ ହଜାର ହଜାରଙ୍କୁ କଷ୍ଟଡିରେ ନେଇଛି। ଆମେରିକା ଓ କାନାଡା ସହିତ ବହୁ ଅନ୍ୟ ଦେଶ ପୂର୍ବରୁ ହିଁ ଆଇଆରଜିସିକୁ ଆତଙ୍କବାଦୀ ସଂଗଠନ ଘୋଷିତ କରିସାରିଛି। ତେବେ ଏହି ପଦକ୍ଷେପ ଖୁବ୍ ପ୍ରତୀକାତ୍ମକ ବୋଲି ମନେକରାଯାଉଛି। କିନ୍ତୁ ଏହାଦ୍ୱାରା ଇରାନ ଉପରେ ଆର୍ଥିକ ଚାପ ଆହୁରି ବଢିଯାଇଛି। ବିଶେଷ କରି ଏଥିପାଇଁ ଯେ, ଦେଶର ଅର୍ଥବ୍ୟବସ୍ଥାରେ ଆଇଆରଜିସିର ବଡ଼ ଭୂମିକା ରହିଛି।

# ଚୁକ୍ତି ସର୍ତ୍ତାବଳୀ ହ୍ରାସ କଲେ ଟ୍ରମ୍ପ, ଅଙ୍କାରାରେ ଶାନ୍ତି ଆଲୋଚନା

**ନୂଆଦିଲ୍ଲୀ,୨।୨(ଏଜେନ୍ସି):**ଇରାନ ଓ ଆମେରିକା ମଧ୍ୟରେ ମାସ ମାସ ଧରି ଚାଲିଥିବା ଗତିରୋଧର ଅନ୍ତ ଘଟାଇବା ପାଇଁ ଏକ ବଡ଼ ସଫଳତା ଲାଗି ବାଟ ପରିଷ୍କାର ହୋଇଛି । ସୂତ୍ର ଅନୁଯାୟୀ ଚଳିତ ସପ୍ତାହରେ ତୁର୍କୀର ଅଙ୍କାରେ ଦୁଇ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଶାନ୍ତି ଚୁକ୍ତିନାମା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇପାରେ । ଏହି ବୈଠକ ମୁଖ୍ୟତଃ ମିସର, କତାର ଓ ତୁର୍କୀ ଦ୍ୱାରା ଆରମ୍ଭ କରାଯାଇଛି । କୂଟନୈତିକ ପଦକ୍ଷେପର ଅଂଶ ସ୍ୱରୂପ, ଉଚ୍ଚପଦସ୍ଥ ଇରାନୀ ଅଧିକାରୀମାନେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ ୱିଟକଫଙ୍କ ସହିତ ସାକ୍ଷାତ କରିବେ ଆଶା କରାଯାଉଛି ।ବୈଠକ ପୂର୍ବରୁ ଏକ ବଡ଼ ପରିବର୍ତ୍ତନ ହୋଇଛି । ଆମେରିକା ନିଜର ସର୍ତ୍ତାବଳୀ ହ୍ରାସ କରିଛି। ପୂର୍ବରୁ, ଆମେରିକା ଆଲୋଚନା ପାଇଁ ଚାରୋଟି ପ୍ରମୁଖ ସର୍ତ୍ତ ରଖିଥିଲା । ସେଥିରେ ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ, ମାନବାଧିକାର ଉଲ୍ଲଂଘନ ହେବ ନାହିଁ, ୟୁରାନିୟମ୍ ସମୃଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ପଡିବ ଓ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍ପାଦନ ବନ୍ଦ କରାଯିବା ଜରୁରୀ ଆଦି ଅନ୍ତର୍ଭୁକ୍ତ ଥିଲା। ତେବେ ଇରାନର କଠୋର ଆଭିମୁଖ୍ୟ ଓ ଆଲୋଚନା କରିବାକୁ ମନା କରିବା ପରେ, ଆମେରିକା ଏବେ ଏହି ସର୍ତ୍ତଗୁଡ଼ିକ ମଧ୍ୟରୁ କେବଳ ଦୁଇଟିରେ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ତାଙ୍କର ଏବେ କେବଳ ଦୁଇଟି ପ୍ରାଥମିକ ସର୍ତ୍ତ ଅଛି। ପ୍ରଥମତଃ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ ଏବଂ ଦ୍ୱିତୀୟତଃ, ସେଠାକାର ଲୋକମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ, ସେମାନେ ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ ଅଗ୍ରସର ହେଉନାହାନ୍ତି । କିନ୍ତୁ ଆମେରିକା ଦ୍ୱାରା ଲଗାଯାଇଥିବା ଅନ୍ୟ କୌଣସି ସର୍ତ୍ତକୁ ସେମାନେ ଗ୍ରହଣ କରିବେ ନାହିଁ। ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲୀ ଖେମିନି ସିଧାସଳଖ ଚେତାବନୀ ଦେଇଥିଲେ, ଯଦି ଇରାନ ଉପରେ ସାମରିକ ଆକ୍ରମଣ ହୁଏ, ତେବେ ଆମେ ଏହାକୁ ଆଞ୍ଚଳିକ ଯୁଦ୍ଧରେ ପରିଣତ କରିବୁ । ଏହାର ଅର୍ଥ ହେଉଛି ଇରାନ କେବଳ ଆମେରିକାର ଘାଟି ନୁହେଁ ବରଂ ଏହାର କ୍ଷେତ୍ରୀୟ ସହଯୋଗୀ ଯେପରିକି ବାହାରିନ, ଜୋର୍ଡାନ, ସାଉଦି ଆରବ, କତାର ଓ ଇସ୍ରାଏଲକୁ ମଧ୍ୟ ଟାର୍ଗେଟ କରିବ । ଆମେରିକା ପଛକୁ ହଟିବାର ଏକ ପ୍ରମୁଖ କାରଣ ହେଉଛି ଆର୍ଥିକ ଓ ରଣନୈତିକ ଚାପ। ବିଶେଷଜ୍ଞମାନଙ୍କ ଅନୁସାରେ, ଯଦି ଇରାନ ସହିତ ଯୁଦ୍ଧ ହୁଏ, ତେବେ ହର୍ମୁଜ୍ ପ୍ରଣାଳୀ ଓ ଲୋହିତ ସାଗର ବାଣିଜ୍ୟ ପଥ ବନ୍ଦ ହୋଇଯିବ । ଯାହା ବିଶ୍ୱ ବାଣିଜ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ୟୁଏଇ, ତୁର୍କୀ ଓ ସାଉଦି ଆରବ ଭଳି ଆମେରିକାର ଘନିଷ୍ଠ ସହଯୋଗୀମାନେ ଯୁଦ୍ଧ ପରିସ୍ଥିତିରେ ଆମେରିକାକୁ ସେମାନଙ୍କର ସାମରିକ ଘାଟି ଯୋଗାଇବାକୁ ସ୍ପଷ୍ଟ ଭାବରେ ମନା କରିଦେଇଥିଲେ ।



# ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଡିଜିଟାଲ ରୋଡ ସେଫ୍ଟି କ୍ୟାମ୍ପେନ ପ୍ଲିଜଗ୍ରୋଅପ ର ଶୁଭାରମ୍ଭ




**ଭୁବନେଶ୍ୱର, ୨।୨ (ନି.ପ୍ର)** : ଭାରତରେ ଘଟୁଥିବା ଅଧିକାଂଶ ସଡ଼କ ଦୁର୍ଘଟଣା ପାଇଁ ମଣିଷର ନିଜ ଭୁଲ୍ ହିଁ ଦାୟୀ। ଏହାକୁ ଦୃଷ୍ଟିରେ ରଖି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ 'ହ୍ୟାସ ଟାଗ ପ୍ଲିଜଗ୍ରୋଅପ୍' ନାମରେ ଏକ ନୂଆ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ରାସ୍ତାରେ ଲୋକଙ୍କର ଦାୟିତ୍ୱହୀନ ଆଚରଣକୁ ସୁଧାରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସଡକ ଦୁର୍ଘଟଣାଗୁଡିକ ପ୍ରାୟତଃ ଭିତିଭୂମି କିମ୍ବା ଯାନ୍ତ୍ରିକ ବିଫଳତା ସହ ଜଡିଥିବା ବେଳେ ରାସ୍ତାରେ ଘଟୁଥିବା ଅଧିକାଂଶ ମୃତ୍ୟୁ ସ୍ପିଡିଂ, ସିଗ୍ନାଲ ଡେଇଁବା, ଅନ୍ୟମନସ୍କ ହୋଇ ଗାଡି ଚଳାଇବା, ନିଶାସକ୍ତ ଅବସ୍ଥାରେ ଗାଡି ଚଳାଇବା ଓ ମୌଳିକ ସୁରକ୍ଷା ନିୟମଗୁଡିକୁ ପାଳନ ନକରିବା ଭଳି ଏଡାଯାଇପାରୁଥିବା ମାନବିକ ଆଚରଣ ଯୋଗୁଁ ଘଟିଥାଏ। ଏହି କ୍ୟାମ୍ପେନର ଲକ୍ଷ୍ୟ ହେଉଛି ପ୍ରତିଦିନର ଡ୍ରାଇଭିଂ ଅଭ୍ୟାସ ପାଇଁ ଏକ ଦର୍ପଣ ଧରି ଆତ୍ମ-ପ୍ରତିବିମ୍ବନ ଓ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା।

ଏହି କ୍ୟାମ୍ପେନ ସମ୍ପର୍କରେ ଉଜ୍ଜୀବନ ଏସଏଫବି ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଧିକାରୀ ଲକ୍ଷ୍ମଣ ଭେଲାୟୁଥମ କହିଛନ୍ତି, 'ସଡକ ସୁରକ୍ଷା ବାର୍ତ୍ତାଗୁଡିକ ପ୍ରାୟତଃ ଲୋକଙ୍କ ନିକଟରେ ପହଂଚିବା ପାଇଁ ସଂଘର୍ଷ କରିଥାନ୍ତି କାରଣ ସମୟକ୍ରମେ ଅସୁରକ୍ଷିତ ବ୍ୟବହାର ସାଧାରଣରେ ପରିଣତ ହୋଇଛି। 'ହ୍ୟାସ ଟାଗ ପ୍ଲିଜଗ୍ରୋଅପ୍' ପଦକ୍ଷେପ ସହିତ ଆମେ ଏକ ସତେଜ ଓ ସୃଜନଶୀଳ ଆଭିମୁଖ୍ୟ ଗ୍ରହଣ କରିବାକୁ ଚାହୁଁଛୁ ଯାହା ଲୋକମାନଙ୍କୁ ଅଟକିବା ଓ ନିଜ କାର୍ଯ୍ୟଗୁଡିକୁ ପ୍ରତିଫଳନ କରିବା ପାଇଁ ପ୍ରୋତ୍ସାହିତ କରିବ। ଏକ ଦାୟିତ୍ୱବାନ ବ୍ୟାଙ୍କ ଭାବେ ସମୁଦାୟର କଲ୍ୟାଣ ଆର୍ଥିକ ଅନ୍ତର୍ଭୁକ୍ତୀକରଣରୁ ଉର୍ଦ୍ଧ୍ୱରେ ରହିଛି, ଯେଉଁଥିରେ ଆତ୍ମ-ସଚେତନ ଓ ଦାୟିତ୍ୱପୂର୍ଣ୍ଣ ନାଗରିକ ହେବା ଅନ୍ତର୍ଭୁକ୍ତ ରହିଛି।

'ହ୍ୟାସ ଟାଗ ପ୍ଲିଜଗ୍ରୋଅପ୍' ମାଧ୍ୟମରେ ଉଜ୍ଜୀବନ ଏସଏଫବି ବାସ୍ତବରେ ଏହା କ'ଣ ଅଟେ ତାହା ପାଇଁ ସଡକ ଅବହେଳାକୁ ରିଫ୍ରେମ କରିଛି- ଏହା ସାହସିକ ନୁହେଁ କୁଲ୍ ନୁହେଁ ଓ ନିଶ୍ଚିତ ରୂପେ ବୟସ୍କ ନୁହେଁ, ବରଂ ପିଲାଳିଆମି ଅଟେ। ଏହି କ୍ୟାମ୍ପେନ ବେବି ଟକ୍ ଓ ପିଲାଙ୍କ ଭଳି ଚିତ୍ରଣରେ ଅନୁବାଦ କରି ଦାୟିତ୍ୱହୀନ ଗାଡିଚାଳନା ଆଚରଣକୁ ହାଇଲାଇଟ କରିବା ପାଇଁ ବ୍ୟଙ୍ଗ ଓ ଭିଜୁଆଲ କଂଟ୍ରାଷ୍ଟର ବ୍ୟବହାର କରିଛି। ଏହି ସୃଜନଶୀଳ ପଦ୍ଧତିକୁ ଦାୟିତ୍ୱହୀନ ବ୍ୟବହାରକୁ ଅନୁପଯୁକ୍ତ ଓ ଅବ୍ୟବସ୍ଥିତ ଭାବେ ଦେଖାଇବା ପାଇଁ ଡିଜାଇନ କରାଯାଇଛି, କାରଣ ବାସ୍ତବରେ ସାର୍ବଜନିନ ସଡକରେ ତାହା ସେହିଭଳି ଦେଖାଯାଇଥାଏ।

ବୃହତ 'ହ୍ୟାସ ଟାଗ ପ୍ଲିଜଗ୍ରୋଅପ୍', ସଡକ ସୁରକ୍ଷା ଅଭିଯାନର ଅଂଶ ଭାବେ ଉଜ୍ଜୀବନ ଏସଏଫବି, ନାଗରିକ ଓ ଟ୍ରାଫିକ କର୍ତ୍ତୃପକ୍ଷଙ୍କ ସହ ସହଭାଗିତାରେ ଚଳିତ ସପ୍ତାହ ସମୟରେ ଏକାଧିକ ସହରରେ ଅତ୍ୟଧିକ ପ୍ରଭାବଶାଳୀ ଅନ୍‌ଗ୍ରାଉଣ୍ଡ ଆକ୍ଟିଭେଶନର ଏକ ସିରିଜକୁ କାର୍ଯ୍ୟକାରୀ କରୁଛି। ବେଙ୍ଗାଲୁରୁରେ ଏକ ସମ୍ପୂର୍ଣ୍ଣ ବ୍ରାଣ୍ଡେଡ ଲାଇଫ-ସାଇଜ ହେଲମେଟ ମୋବାଇଲ ଭ୍ୟାନ ହେଲମେଟ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ଯାତ୍ରୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗଦାନକୁ ପରିଚାଳନା କରିବା ପାଇଁ ଉଚ୍ଚ-ଟ୍ରାଫିକ ଲୋକେଶନଗୁଡିକରେ ରୋଡଶୋ' ପରିଚାଳନା କରାଯିବ। କୋଲକାତାରେ ଏକ ବ୍ରାଣ୍ଡେଡ ମୋବାଇଲ କ୍ୟାଂଟର, ପବ୍ଲିକ ଆନାଉନ୍ସମେଂଟ ସିଷ୍ଟମ ଓ କ୍ୟାମ୍ପେନ କ୍ରିଏଟିଭରେ ସୁସଜ୍ଜିତ ରହିବ ଯାହା ସହରର ପ୍ରମୁଖ ଟ୍ରାଫିକ ହଟସ୍ପଟଗୁଡିକୁ ସକ୍ରିୟ କରିବ।

# ମୋଂଟ୍ରା ଇଲେକ୍ଟ୍ରିକ ପକ୍ଷରୁ 'ପିଏମ ଇ-ଡ୍ରାଇଭ' ଅଧିନରେ ଇଲେକ୍ଟ୍ରିକ ଟ୍ରକ୍ ଶୁଭାରମ୍ଭ




**ଭୁବନେଶ୍ୱର, ୨।୨ (ନି.ପ୍ର)** : ମୋଂଟ୍ରା ଇଲେକ୍ଟ୍ରିକ (ଇ-ଏମ୍ଆଣ୍ଡଏଚସିଭି ବିଜନେସ ଭର୍ଟିକାଲ) ଭାରତ ସରକାରଙ୍କ ପିଏମ ଇ-ଡ୍ରାଇଭ ସ୍କିମ ଅଧିନରେ ଦେଶର ପ୍ରଥମ ହେଭି-ଡ୍ୟୁଟି ଇଲେକ୍ଟ୍ରିକ ଟ୍ରକ୍ ର ଶୁଭାରମ୍ଭ କରିଛି। କମ୍ପାନୀ ଦେଶର ପ୍ରଥମ ପିଏମ ଇ-ଡ୍ରାଇଭ-ସାର୍ଟିଫାଏଡ ଇଲେକ୍ଟ୍ରିକ ହେଭି ଟ୍ରକ, ରାଇନୋ ୫୫୩୮ ଇଭି ୬୪ ଟ୍ରାକ୍ଟର ଟ୍ରେଲରକୁ ଭାରତର ସର୍ବବୃହତ ସିମେଂଟ ଓ ରେଡି-ମିକ୍ସ କଙ୍କ୍ରିଟ କମ୍ପାନୀ ଅଲଟ୍ରାଟେକ ସିମେଂଟ ଲିମିଟେଡକୁ ପ୍ରଦାନ କରିଛି। ଏହି ସଫଳତା ମୋଂଟ୍ରା ଇଲେକ୍ଟ୍ରିକ (ଟିଆଇ କ୍ଲିନ ମୋବିଲିଟି)ର ଅଧ୍ୟକ୍ଷ, ଶ୍ରୀ ଅରୁଣ ମୁରୁଗପ୍ପନ, ମୋଂଟ୍ରା ଇଲେକ୍ଟ୍ରିକ (ଟିଆଇ କ୍ଲିନ ମୋବିଲିଟି)ର ଏମ୍‌ଡି ଜଲାଜ ଗୁପ୍ତା, ଅଲଟ୍ରାଟେକ ସିମେଂଟ ଲିମିଟେଡର ମୁଖ, କ୍ରୟ ଅଧିକାରୀ ଶ୍ରୀ ସଥିଆ ରାଜଙ୍କ ଉପସ୍ଥିତିରେ ପାଳନ କରାଯାଇଛି। ଏହି ପଦକ୍ଷେପ ବିଦ୍ୟୁତୀକରଣ ପାଇଁ ବ୍ୟବସାୟିକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତିଆଣି ଭାରତର ଲଜିଷ୍ଟିକ୍ସ, ମାଇନିଂ, ଇନଫ୍ରାଷ୍ଟ୍ରକ୍ଚର ଓ ମାନୁଫ୍ୟାକଚରିଂ କ୍ଷେତ୍ରରେ ଇଲେକ୍ଟ୍ରିକ ହେଭି-ଡ୍ୟୁଟି ଟ୍ରକଗୁଡିକର ଗ୍ରହଣୀୟତାକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ବୃହତ ଫ୍ଲିଟ ଅପରେଟର ଓ ଶିଳ୍ପ ଗ୍ରାହକଙ୍କୁ କାର୍ଯ୍ୟଦକ୍ଷତା, ଅପଟାଇମ କିମ୍ବା ଇକୋନୋମିକ୍ସ ଉପରେ ସାଲିସ ନକରି ପାରମ୍ପରିକ ଇନ୍ଧନରୁ ସ୍ଥାନାନ୍ତର ହେବା ପାଇଁ ସକ୍ଷମ କରି ଏହି ସାର୍ଟିଫିକେଶନ ସ୍ୱଚ୍ଛ, ଅଧିକ ଦକ୍ଷ ଓ ଭବିଷ୍ୟତ-ପ୍ରସ୍ତୁତ ମାଲ ପରିବହନ ଗତିବିଧି ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପର ଆରମ୍ଭ କରିଛି।

ଏହି ଅବସରରେ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରୀ ଶ୍ରୀ ଏଚ.ଡି. କୁମାରସ୍ୱାମୀ କହିଛନ୍ତି, 'ପିଏମ ଇ-ଡ୍ରାଇଭ ସ୍କିମ ହେଉଛି ହେଭି-ଡ୍ୟୁଟି ଇଲେକ୍ଟ୍ରିକ ଯାନ ବର୍ଗରେ ଭାରତୀୟ ଉଦ୍ଭାବନର ବର୍ଦ୍ଧିତ ଦକ୍ଷତାର ଏକ ପ୍ରମାଣ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଅଧିନରେ ଆମେ ଆମର ଲଜିଷ୍ଟିକ୍ସକୁ ଡିକାର୍ବନାଇଜ କରିବା ଏବଂ ଭାରତକୁ ଇଭି ଉତ୍ପାଦନ ପାଇଁ ଏକ ଗ୍ଲୋବାଲ ହବ୍‌ରେ ପରିଣତ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ।' ଏହି ସଫଳତା ସମ୍ପର୍କରେ ମୋଂଟ୍ରା ଇଲେକ୍ଟ୍ରିକ (ଟିଆଇ କ୍ଲିନ ମୋବିଲିଟି ପ୍ରାଇଭେଟ ଲିମିଟେଡ)ର ଅଧ୍ୟକ୍ଷ ଅରୁଣ ମୁରୁଗପ୍ପାନ କହିଛନ୍ତି, 'ଭାରତର ଶକ୍ତି ରୂପାନ୍ତରଣ କ୍ଷେତ୍ରରେ ମାଲ ପରିବହନକୁ ଡିକାର୍ବନାଇଜ କରିବା ସବୁଠାରୁ ଜଟିଳ ଆହ୍ୱାନ ମଧ୍ୟରୁ ଗୋଟିଏ। ପିଏମ୍ ଇ-ଡ୍ରାଇଭ ସ୍କିମ ଭଳି ଅଗ୍ରଗାମୀ ଓ ପ୍ରଗତିଶୀଳ ନୀତି ଢାଂଚାଗୁଡିକର ଆରମ୍ଭ କରିଥିବାରୁ ଆମେ ଭାରତ ସରକାର ଓ ଆମର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି କୃତଜ୍ଞ, ଯାହା ବିଶେଷ କରି ନିର୍ଗମନ ତୀବ୍ରତା ଅଧିକ ରହୁଥିବା ଭାରୀ ବାଣିଜ୍ୟିକ ଯାନଗୁଡିକ କ୍ଷେତ୍ରରେ ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏକ ସ୍ୱାଗତଯୋଗ୍ୟ ଓ ପରିବର୍ତ୍ତନଶୀଳ ପଦକ୍ଷେପର ପ୍ରତିନିଧିତ୍ୱ କରୁଛି। ପ୍ରଥମ ପିଏମ ଇ-ଡ୍ରାଇଭ- ସାର୍ଟିଫାଏଡ ରାଇନୋ ୫୫୩୮ ଇଭିକୁ ଶ୍ରୀ ଅରୁଣ ମୁରୁଗପ୍ପାନଙ୍କ ଦ୍ୱାରା ଉନ୍ମୋଚନ ଓ ହସ୍ତାନ୍ତର କରାଯାଇଛି। ୧୦,୯୦୦ କୋଟି ଟଙ୍କାର ପିଏମ ଇ-ଡ୍ରାଇଭ ସ୍କିମରେ ଇ-ଟ୍ରକ ପାଇଁ ଉତ୍ସର୍ଗୀକୃତ ୫୦୦ କୋଟି ଟଙ୍କାର ଏକ ଆଉଟଲେ ରହିଛି, ଯାହା ରାଇନୋ ୫୫୩୮ ଇଭି ପାଇଁ ପ୍ରତି ଯାନ ପିଛା ୯.୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏକ ପ୍ରତ୍ୟକ୍ଷ ଗ୍ରାହକ ଲାଭରେ ରୂପାନ୍ତରିତ ହେଉଛି। ଏହି ପ୍ରୋତ୍ସାହନ ପରିଚାଳନା ଖର୍ଚ୍ଚ କମ୍ କରି, ଇନ୍ଧନ ମୂଲ୍ୟ ଅସ୍ଥିରତା ଏକ୍ସପୋଜର ହ୍ରାସ କରି ଏବଂ ବିକଶିତ ସ୍ଥାୟିତ୍ୱ ଓ ନିର୍ଗମନ ନିୟମଗୁଡିକ ସହ ଅନୁପାଳନକୁ ସମର୍ଥନ କରି ଦୀର୍ଘାବଧି ଫ୍ଲିଟ ଅର୍ଥନୀତିକୁ ଉନ୍ନତ କରିଥାଏ।

## କେନ୍ଦ୍ରୀୟ ବଜେଟ୍ 'ଓଡ଼ିଶା ଭିଜନ୍ ୨୦୩୬' ଏବଂ 'ଇଣ୍ଡିଆ ଭିଜନ୍ ୨୦୪୭'କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି : ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦ ଅଧ୍ୟକ୍ଷ

**ଭୁବନେଶ୍ୱର, ୨।୨ (ନି.ପ୍ର)**: "କେନ୍ଦ୍ରୀୟ ବଜେଟ୍ ୨୦୨୬, 'ଓଡ଼ିଶା ଭିଜନ୍ ୨୦୩୬' ଏବଂ 'ଇଣ୍ଡିଆ ଭିଜନ୍ ୨୦୪୭' କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି। ଜାତୀୟ ଜଳପଥ-୫ ଏବଂ ଏନ୍.ଡବ୍ଲୁ-୬୪ର ୧୨,୨୦୦ କୋଟି ଟଙ୍କାର ରୂପାନ୍ତରଣ ପ୍ରକ୍ରିୟା ଅନୁଗୁଳ-ତାଳଚେରକୁ କଳିଙ୍ଗନଗର, ପାରାଦୀପ ଏବଂ ଧାମରା ସହିତ ଯୋଡ଼ିବ, ଯାହା ପରିବହନ ଖର୍ଚ୍ଚକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିବ ଏବଂ ଶିଳ୍ପ, ଏମ୍.ଏସ୍.ଏମ୍.ଇ ଏବଂ ଚାଷୀଙ୍କ ପାଇଁ ଗ୍ରୀନ୍ କାର୍ଗୋ କରିଡର ସୃଷ୍ଟି କରିବ। ରେଆର ଆର୍ଥ ମୂଲ୍ୟ ଶୃଙ୍ଖଳା ଏବଂ ୪୦,୦୦୦ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ମିଶନ, ଓଡ଼ିଶାକୁ ଇଭି, ଅକ୍ଷୟ ଶକ୍ତି, ପ୍ରତିରକ୍ଷା ଏବଂ ସେମିକଣ୍ଡକ୍ଟର ପାଇଁ ଏକ ରଣନୀତିକ କେନ୍ଦ୍ର ଭାବରେ ସ୍ଥାପିତ କରୁଛି। ୧୨.୨ ଲକ୍ଷ କୋଟି ଟଙ୍କାର ଜାତୀୟ ପୁଞ୍ଜିଗତ ବ୍ୟୟ ଏବଂ ଓଡ଼ିଶା ପାଇଁ ଆବଣ୍ଟନ ୬୪,୪୦୮ କୋଟି ଟଙ୍କାକୁ ବୃଦ୍ଧି ପାଇବା ସହିତ, ଏହି ବଜେଟ୍ ସରକାର, ଉଦ୍ୟୋଗୀ, ଶ୍ରମିକ, ଶିକ୍ଷାବିତ୍, ଷ୍ଟାର୍ଟଅପ୍, ବନ୍ଦର ଏବଂ ସମୁଦାୟକୁ ଏଆଇ - ସକ୍ଷମ ଉତ୍ପାଦନ, ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ତର୍ଭୁକ୍ତ ଜୀବିକା ଗଠନ ପାଇଁ ଆହ୍ୱାନ ଦେଉଛି - ଯାହା ୨୦୪୭ ସୁଦ୍ଧା ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଏବଂ ସ୍ଥାୟୀ ଅର୍ଥନୀତି ଆଡକୁ ଆଗେଇ ନେବ।"



# ରିଲିଜ ହେଲା ଫିଲ୍ମ 'ଶତକ'ର ଟିଜର

**ଭୁବନେଶ୍ୱର, ୨।୨ (ନି.ପ୍ର)** : ଚଳଚ୍ଚିତ୍ର ଶତକ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ର ଟିଜର ମୁକ୍ତି ଲାଭ କରିଛି। ଏହି ଚଳଚ୍ଚିତ୍ରଟି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ର ୧୦୦ ବର୍ଷ ପୂର୍ତ୍ତିକୁ ଚିହ୍ନିତ କରିଛି। ଯାହା ସଂଘର ଶତାବ୍ଦୀ ଦୀର୍ଘ ଯାତ୍ରା, ଏହାର ବିଚାରଧାରା ଏବଂ ରାଷ୍ଟ୍ର ପ୍ରତି ଏହାର ସାମାଜିକ ଅବଦାନକୁ ବର୍ଣ୍ଣନା କରିଛି। ଏହି ଚଳଚ୍ଚିତ୍ରଟି ଦେଶର ସାମାଜିକ ଓ ସାଂସ୍କୃତିକ ପରିବେଶ ଉପରେ ଗଭୀର ପ୍ରଭାବ ପକାଇଥିବା ଏକ ଦୀର୍ଘ ଯାତ୍ରାର କାହାଣୀକୁ ପ୍ରସ୍ତୁତ କରିଛି। ଚଳଚ୍ଚିତ୍ରର ଗୀତ 'ଭଗୱା ହେଉଛି ଆମର ପରିଚୟ' ସମ୍ପ୍ରତି ଆରଏସ୍‌ଏସର ସଂଘଚାଳକ ଡା. ମୋହନ ଭାଗୱତ ଜୀଙ୍କ ଦ୍ୱାରା ଦିଲ୍ଲୀର କେଶବ କୁଞ୍ଜରେ ମୁକ୍ତିଲାଭ କରିଛି। ପ୍ରସିଦ୍ଧ ଗାୟକ ସୁଖବିନ୍ଦର ସିଂହ ଏହି ଦେଶଭକ୍ତିମୟ ଗୀତକୁ ତାଙ୍କ କଣ୍ଠ ଦେଇଛନ୍ତି, ଯାହା ଚଳଚ୍ଚିତ୍ରର ମୂଳ ଆତ୍ମାକୁ ଅଭିବ୍ୟକ୍ତ କରୁଛି। ଏହା ସ୍ୱାଧୀନତା ସଂଗ୍ରାମ ସମୟରେ ଆରଏସଏସର ଅବଦାନ, ପ୍ରତିବନ୍ଧକ ସମୟରେ ଏହା ସମ୍ମୁଖୀନ ହୋଇଥିବା ଚ୍ୟାଲେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଏହାର ଭୂମିକା ଏବଂ ସ୍ଥିରତା ଭଳି କମ୍ ଜଣାଶୁଣା ଅଧ୍ୟାୟଗୁଡ଼ିକୁ ସାମ୍ନାକୁ ଆଣିଛି। ଏହି ଦୃଷ୍ଟିକୋଣ ମାଧ୍ୟମରେ, ଚଳଚ୍ଚିତ୍ରଟି ସଂଗଠନର ଯାତ୍ରା ଏବଂ ଦେଶ ଉପରେ ଏହାର ସ୍ଥାୟୀ ପ୍ରଭାବ ବିଷୟରେ ଏକ ଗଭୀର ଏବଂ ସନ୍ତୁଳିତ ବୁଝାମଣା ପ୍ରଦାନ କରିବାକୁ ଚେଷ୍ଟା କରେ। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଆଶିଷ ମଲ୍ କହିଛନ୍ତି, 'ଏହି ଚଳଚ୍ଚିତ୍ରଟି ମୋ ପାଇଁ ଏକ ଗଭୀର ବ୍ୟକ୍ତିଗତ ଯାତ୍ରା ହୋଇଛି। ଆମର ଉଦ୍ଦେଶ୍ୟ ହେଉଛି ଏହି ବାସ୍ତବତାକୁ ସଚ୍ଚୋଟତା ଏବଂ ସମ୍ବେଦନଶୀଳତାର ସହିତ ଉପସ୍ଥାପନ କରିବା ଏବଂ ସଂଗଠନର ଯାତ୍ରାକୁ ଏହାର ପ୍ରକୃତ ପରିପ୍ରେକ୍ଷୀରେ ରଖି ରହିଥିବା ଭୁଲ ଧାରଣାଗୁଡ଼ିକୁ ଦୂର କରିବା।' ସେହିଭଳି ଚଳଚ୍ଚିତ୍ରର ପ୍ରଯୋଜକ ବିର କପୁର ଆହୁରି କହିଛନ୍ତି, 'ଏହି ଚଳଚ୍ଚିତ୍ରଟି ପୁସ୍ତକ, ଦଲିଲ ଏବଂ ଉପଲବ୍ଧ ସାହିତ୍ୟ ଉପରେ ଆଧାରିତ। ଆମର ପ୍ରୟାସ ଥିଲା ସଂଘର ଚିନ୍ତାଧାରାକୁ ଏକ ସଂଯୁକ୍ତ ଚଳଚ୍ଚିତ୍ରୀୟ ଭାଷାରେ ପ୍ରସ୍ତୁତ କରିବା। ୧୮୭୫ ରୁ ୧୯୫୦ ମଧ୍ୟରେ ଆରମ୍ଭ ହୋଇଥିବା ଅନେକ ଆନ୍ଦୋଳନମଧ୍ୟରୁ, ସଂଘ ହେଉଛି ଏକମାତ୍ର ସଂଗଠନ ଯାହା କେବେ ଭାଙ୍ଗି ପଡ଼ିନାହିଁ ଏବଂ ଅବିରତ ଭାବେ ଆଗକୁ ବଢ଼ିଚାଲିଛି। ଏହି ଚଳଚ୍ଚିତ୍ରଟି ଆଶିଷ ତିୱାରୀଙ୍କ ସହ-ନିର୍ମାଣରେ ତିଆରି ହୋଇଛି ଏବଂ ଏଡିଏ ୩୬୦ ଡିଗ୍ରୀଜ୍ ଏଲ୍‌ଏଲ୍‌ପି ଦ୍ୱାରା ପ୍ରସ୍ତୁତ। ଅନିଲ ଡି. ଅଗରୱାଲଙ୍କ ଧାରଣାରେ ଏବଂ ଆଶିଷ ମଲ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ଶତକ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ, ଦେଶବ୍ୟାପୀ ଭାବେ ୧୯ ଫେବୃଆରୀ ୨୦୨୬ ରେ ସିନେମା ହଲଗୁଡ଼ିକରେ ରିଲିଜ ହେବ।




# ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା ଦ୍ୱାରା ୪୫୦ ଛାତ୍ରଛାତ୍ରୀ ଉପକୃତ

**ଭୁବନେଶ୍ୱର, ୨।୨ (ନି.ପ୍ର)**: ଆନ୍ତର୍ଜାତୀୟ ଶିକ୍ଷା ଦିବସ ଏବଂ ଜାତୀୟ ବାଳିକା ଦିବସରେ, ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଓଓ) ଖଣି ଅଂଚଳର ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ଓ ଦୁର୍ଗମ ଗୋଷ୍ଠୀର ପିଲାମାନଙ୍କର ଶିକ୍ଷା ଆକାଂକ୍ଷାକୁ ପୂରଣ କରିବା ପାଇଁ ନିଜର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛି। କମ୍ପାନୀର ଦୀର୍ଘକାଳୀନ ଲକ୍ଷ୍ୟ ଅନ୍ତର୍ଗତ କୋଇଡା ଅଂଚଳର ଛାତଛାତ୍ରୀ ଏବଂ ପରିବାରଙ୍କ ଜୀବନରେ ଏକ ପରିବର୍ତ୍ତନ ଆଣିବା ଜାରି ରଖିଛି। ଏହି ଦିବସର ଗୁରୁତ୍ୱ ସମ୍ପର୍କରେ ବେଦାନ୍ତ ଆଇରନ୍ ଓର୍ ଓଡ଼ିଶାର ସିଓଓ ବିଶ୍ୱନାଥ ସାହୁ କହିଲେ, ଆନ୍ତର୍ଜାତୀୟ ଶିକ୍ଷା ଦିବସ ଆମକୁ ମନେ ପକାଇ ଦିଏ ଯେ, ଶିକ୍ଷା ହେଉଛି ସାମାଜିକ ଏବଂ ଆର୍ଥିକ ପ୍ରଗତିର ମୂଳଦୁଆ। ଆମେ ଗ୍ରହଣ କରୁଥିବା ପ୍ରତ୍ୟେକ ପଦକ୍ଷେପ, ଶ୍ରେଣୀଗୃହରେ ହେଉ, ପରିବହନ ସହାୟତା ମାଧ୍ୟମରେ ହେଉ, କିମ୍ବା ଜୀବନ କୌଶଳ ନିର୍ମାଣ କରୁଥିବା କାର୍ଯ୍ୟକ୍ରମ ମାଧ୍ୟମରେ ହେଇ ସମସ୍ତ ପଦକ୍ଷେପ, ପିଲାମାନଙ୍କୁ ସେମାନଙ୍କ ଭବିଷ୍ୟତକୁ ପରିବର୍ତ୍ତନ କରିବା ଓ ସଶକ୍ତ କରିବା ଉପରେ କେନ୍ଦ୍ରିତ। ଆମେ ଅର୍ଥପୂର୍ଣ୍ଣ ଭାବରେ 'ଫେରସ୍ତ' ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯାହାଦ୍ୱାରା ପ୍ରତ୍ୟେକ ପିଲା ଶିକ୍ଷା ଏବଂ ଅନ୍ତର୍ଭୁକ୍ତିରୁ ଲାଭ ପାଇପାରିବେ। ଏହି ପ୍ରତିଶ୍ରୁତିବଦ୍ଧତାର ଏକ ପ୍ରମୁଖ ଅଂଶ ହେଉଛି ରେଙ୍ଗାଲବେଡା ଏବଂ ନାଡ଼ୀଡିହି ଗାଁର ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିବା ନିରବଚ୍ଛିନ୍ନ ସ୍କୁଲ ପରିବହନ ସହାୟତା। ପ୍ରତିଦିନ ପିଲାମାନଙ୍କୁ ଅନେକ ସ୍କୁଲ ସହିତ ସଂଯୋଗ କରୁଥିବା ଏକ ଉତ୍ସର୍ଗୀକୃତ ୩୨-ସିଟ୍ ସ୍କୁଲ ବସ୍ ସେବା ମାଧ୍ୟମରେ, ବେଦାନ୍ତ ଆଇଓଓ ଶିକ୍ଷା ପାଇଁ ସୁରକ୍ଷିତ, ସୁସ୍ଥ ଏବଂ ଅଧିକ ନିର୍ଭରଯୋଗ୍ୟ ସହାୟତା ସୁନିଶ୍ଚିତ କରୁଛି। ଏହି ନିର୍ଭରଯୋଗ୍ୟ ପରିବହନ ସହାୟତା ଯୁବ ଶିକ୍ଷାର୍ଥୀମାନଙ୍କୁ ବିଶେଷକରି ଝିଅମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ସହଜ କରିଛି ଏବଂ ଛାତ୍ରଛାତ୍ରୀମାନଙ୍କ ସ୍କୁଲ୍ ଉପସ୍ଥାନକୁ ବୃଦ୍ଧି କରିଛି।

ଏସମ୍ପର୍କରେ କୋଇଡା ବ୍ଲକର ବିଡ଼ିଓ ସୁଶ୍ରୀ ଚମ୍ପିତେଖୋ ପାତ୍ର କହିଲେ, ଏହି ସ୍କୁଲ ବସ୍ ସେବାର ପ୍ରଚଳନ ସ୍ଥାନୀୟ ଗୋଷ୍ଠୀ ପାଇଁ ଏକ ପରିବର୍ତ୍ତନକାରୀ ପଦକ୍ଷେପ। ଏହା କେବଳ ଶିକ୍ଷାକୁ ଉନ୍ନତ କରିବା ସହିତ ପିଲାମାନଙ୍କ ସୁରକ୍ଷା ସମ୍ପର୍କରେ ଅଭିଭାବକମାନଙ୍କ ଚିନ୍ତାକୁ ମଧ୍ୟ କମ କରିଛି। ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀ ଏବଂ ପରିବାରଙ୍କ ଜୀବନକୁ ଉନ୍ନତ କରିବାରେ ନିରନ୍ତର ସମର୍ଥନ ପାଇଁ ଆମେ ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା ପ୍ରତି କୃତଜ୍ଞ। ସ୍କୁଲ ମଧ୍ୟରେ, କମ୍ପାନୀ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଶିକ୍ଷକ ନିଯୁକ୍ତି ଏବଂ କାର୍ଯ୍ୟକାରିତାକୁ ସହଜ କରି ଶ୍ରେଣୀଗୃହ ଶିକ୍ଷାକୁ ସୁଦୃଢ଼ କରିଛି। ଏହି ପଦକ୍ଷେପ ଏକ ଅଧିକ ସଂତୁଳିତ ଛାତ୍ର-ଶିକ୍ଷକ ଅନୁପାତ ସୃଷ୍ଟି କରିଛି ଏବଂ କୋଇଡା ଅଂଚଳର ଅନେକ ସରକାରୀ ସ୍କୁଲରେ ୪୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଲାଭ ଦେଇଛି। ସେମାନଙ୍କ ମଧ୍ୟରେ ଅନେକ ଝିଅ ଅଛନ୍ତି।




# ବ୍ୟାଙ୍କ ଅଫ ବରୋଦାର ତୃତୀୟ ତ୍ରୈମାସିକ ନିଟ ଲାଭ ୫,୦୫୫ କୋଟି ଟଙ୍କା

**ଭୁବନେଶ୍ୱର, ୨।୨ (ନି.ପ୍ର)** : ଭାରତର ଅନ୍ୟତମ ପ୍ରମୁଖ ରାଷ୍ଟ୍ରାୟତ ବ୍ୟାଙ୍କ-ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କର ନିଟ ଲାଭ ୪.୫ ପ୍ରତିଶତ ବୃଦ୍ଧି ପାଇ ୫,୦୫୫ କୋଟି ଟଙ୍କା ହୋଇଛି। ଆର୍ଥିକ ବର୍ଷର ୯ ମାସରେ ନିଟ ଲାଭ ୧୪,୪୦୫ କୋଟି ଟଙ୍କା ହୋଇଛି। ତୃତୀୟ ତ୍ରୈମାସିକ ଓ ୯ ମାସରେ ବ୍ୟାଙ୍କର ପରିଚାଳନାଗତ ଲାଭ ପରିମାଣ ଯଥାକ୍ରମେ ୭,୩୭୭ କୋଟି ଟଙ୍କା ଓ ୨୩,୧୯୦ କୋଟି ଟଙ୍କା ହୋଇଛି। ତୃତୀୟ ତ୍ରୈମାସିକରେ ଅଣ ସୁଧ ଆୟ ୫.୯ ପ୍ରତିଶତ ବୃଦ୍ଧି ପାଇ ୩୬୦୦ କୋଟି ଟଙ୍କା ହୋଇଛି।

ତୃତୀୟ ତ୍ରୈମାସିକରେ କମ୍ପାନିର ନିଟ୍ ସୁଧ ଆୟ ୧୧,୮୦୦ କୋଟି ଟଙ୍କା ଓ ୯ ମାସରେ ୩୫,୧୮୯ କୋଟି ଟଙ୍କା ରହିଛି। ବ୍ୟାଙ୍କର ପରିଚାଳନା ଖର୍ଚ୍ଚ ତୃତୀୟ ତ୍ରୈମାସିକରେ ୬.୭ ପ୍ରତିଶତ ବୃଦ୍ଧି ପାଇ ୮୦୨୪ କୋଟି ଟଙ୍କା ଓ ୯ ମାସରେ ୨୩,୭୮୯ କୋଟି ଟଙ୍କା ରହିଛି। ସଂପତ୍ତିରୁ ରିଟର୍ଣ୍ଣ ୧.୦୯ ପ୍ରତିଶତ ଓ ଇକ୍ୱିଟିରୁ ରିଟର୍ଣ୍ଣ ୧୫.୫୯ ପ୍ରତିଶତ ରହିଛି। ବ୍ୟାଙ୍କ ଅଫ ବରୋଦାର ମୋଟ ଏନପିଏ ତୃତୀୟ ତ୍ରୈମାସିକରେ ୨.୦୪ ପ୍ରତିଶତ ଓ ନିଟ ଏନପିଏ ୦.୫୭ ପ୍ରତିଶତ ରହିଛି। ସ୍ଲିପେଜ ରେସିଓ ୦.୮୬ ପ୍ରତିଶତ ଭଳି ଉନ୍ନତ ସ୍ଥିତିରେ ରହିଛି।

ବ୍ୟାଙ୍କର ଘରୋଇ ଅଗ୍ରୀମ ୧୩.୬ ପ୍ରତିଶତ ବୃଦ୍ଧି ପାଇ ୧୦,୯୬,୫୫୭ କୋଟି ଟଙ୍କା ଏବଂ ବିଶ୍ୱସ୍ତରୀୟ ଅଗ୍ରୀମ ୧୪.୭ ପ୍ରତିଶତ ବୃଦ୍ଧି ପାଇ ୧୩,୪୪,୯୦୪ କୋଟି ଟଙ୍କା ହୋଇଛି। ଘରୋଇ ଜମା ପରିମାଣ ୧୧.୧ ପ୍ରତିଶତ ବୃଦ୍ଧି ପାଇ ୧୩,୦୭,୧୮୯ କୋଟି ଟଙ୍କା ଓ ବିଶ୍ୱସ୍ତରୀୟ ଜମା ପରିମାଣ ୧୦.୩ ପ୍ରତିଶତ ବୃଦ୍ଧି ପାଇ ୧୫,୪୬,୭୪୯ କୋଟି ଟଙ୍କା ରହିଛି। ଘରୋଇ କାସା ଜମା ୮.୬ ପ୍ରତିଶତ ବୃଦ୍ଧି ପାଇ ୫,୦୨,୫୬୦ କୋଟି ଟଙ୍କା ରହିଛି। ଅନ୍ତର୍ଜାତୀୟ ଜମା ୫.୭ ପ୍ରତିଶତ ବଢ଼ି ୨,୩୯,୫୬୦ କୋଟି ଟଙ୍କା ରହିଛି।

ବ୍ୟାଙ୍କର ଖୁଚୁରା ଅଗ୍ରୀମ ପରିମାଣ ୧୭.୪ ପ୍ରତିଶତ ବଢ଼ିଥିବା ବେଳେ ବନ୍ଧକ ଋଣ ୨୧ ପ୍ରତିଶତ, ଗାଡ଼ି ଋଣ ୧୭.୪ ପ୍ରତିଶତ, ଗୃହ ଋଣ ୧୬ ପ୍ରତିଶତ, ଶିକ୍ଷା ଋଣ ୧୨.୮ ପ୍ରତିଶତ ଓ ବ୍ୟକ୍ତିଗତ ଋଣ ୧୨ ପ୍ରତିଶତ ବଢ଼ିଛି। କୃଷି ଋଣ ପରିମାଣ ୧୯ ପ୍ରତିଶତ ବୃଦ୍ଧି ପାଇ ୧,୭୯,୮୦୫ କୋଟି ଟଙ୍କା, ଏମଏସଏମଇ ପୋର୍ଟଫୋଲିଓ ୧୬.୪ ପ୍ରତିଶତ ବୃଦ୍ଧି ପାଇ ୧,୫୩,୪୧୫ କୋଟି ଟଙ୍କା ଏବଂ କର୍ପୋରେଟ ଅଗ୍ରିମ ପରିମାଣ ୮.୧ ପ୍ରତିଶତ ବୃଦ୍ଧି ପାଇ ୪,୧୮,୯୬୩ କୋଟି ଟଙ୍କା ରହିଛି।

# ପ୍ରସ୍ତାବିତ ଆଇପିଓ ପାଇଁ ଏନଏସଇ ସେବିଠାରୁ ଏନଓସି ହାସଲ କରିଛି

**ଭୁବନେଶ୍ୱର, ୨।୨ (ନି.ପ୍ର)** : ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ (ଏନଏସଇ) ନିକଟରେ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେ ବୋର୍ଡ ଅଫ୍ ଇଣ୍ଡିଆ (ସେବି)ଠାରୁ ଏହାର ପ୍ରସ୍ତାବିତ ଇନିସିଆଲ ପବ୍ଲିକ ଅଫରିଙ୍ଗ (ଆଇପିଓ) ପାଇଁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନଓସି) ହାସଲ କରିଛି। ଯାହାକି ଏକ୍ସଚେର ଅଭିବୃଦ୍ଧି ଯାତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକୀୟ ସଫଳତାକୁ ଚିହ୍ନିତ କରୁଛି। ଏହାକୁ ପ୍ରଶଂସା କରି ଏନଏସଇର ଅଧ୍ୟକ୍ଷ, ଶ୍ରୀ ଶ୍ରୀନିବାସ ଇନ୍‌ଜେଟି କହିଛନ୍ତି, 'ଆମେ ଆମର ଆଇପିଓ ପାଇଁ ସେବିର ଅନୁମୋଦନ ହାସଲ କରି ଖୁସି ଅନୁଭବ କରୁଛୁ, ଯାହା ଆମର ଅଭିବୃଦ୍ଧି ଯାତ୍ରାରେ ଏକ ବଡ ସଫଳତା ଅଟେ; ସେବିର ଅନୁମୋଦ ସହିତ ଆମେ ଆମର ସମସ୍ତ ହିତାଧିକାରୀଙ୍କ ପାଇଁ ମୂଲ୍ୟ ସୃଷ୍ଟିର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛୁ ଏବଂ ଏହି ଅନୁମୋଦନ ଭାରତୀୟ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ଭାରତୀୟ ପୁଞ୍ଜି ବଜାରର ଏକ ଆଲୋକବର୍ତ୍ତିକା ଭାବେ ଏନଏସଇରେ ଆମର ଆତ୍ମବିଶ୍ୱାସକୁ ମଜବୁତ କରିଛି। ସେବିର ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ ପାଇବା ଏନଏସଇକୁ ଏହାର ପ୍ରସ୍ତାବିକ ପବ୍ଲିକ ଲିଷ୍ଟିଙ୍ଗ ଦିଗରେ ପରବର୍ତ୍ତୀ ପଦକ୍ଷେପଗୁଡିକ ସହ ପ୍ରଯୁଜ୍ୟ ନିୟାମକୀୟ ଆବଶ୍ୟକତା ସହିତ ଆଗକୁ ବଢିବା ପାଇଁ ସକ୍ଷମ କରିଛି। ଭାରତର ଅଗ୍ରଣୀ ଷ୍ଟକ ଏକ୍ସଚେ ଓ ଦେଶର ବିତୀୟ ବଜାର ଭିତିଭୂମିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଏନଏସଇ ପରିଚାଳନା ମାନଦଣ୍ଡଗୁଡିକୁ ସୁଦୃଢ କରିବା, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ଭାରତର ପୁଞ୍ଜି ବଜାରଗୁଡିକର ଦୀର୍ଘକାଳିନ ବିକାଶରେ ସହଯୋଗ କରିବା ଉପରେ ଗୁରୁତ୍ୱ ଦେବା ଜାରି ରଖିଛି।




# ଗଞ୍ଜାମ ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ

**ଗଞ୍ଜାମ, ୨।୨ (ନି.ପ୍ର)**: ଗଞ୍ଜାମ ମହାବିଦ୍ୟାଳୟର ୫୭ତମ ବାର୍ଷିକ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ଼ଃ ସ୍ମରଣିକା ହୋତାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟବକ୍ତା ବିନାୟକ ଆଚାର୍ଯ୍ୟ ଓଡ଼ିଅ। ବିଭାଗ ସହକାରୀ ଅଧ୍ୟାପକ ତଥା ପୂର୍ବତନ ଉପ ସଚିବ, ଆଞ୍ଚଳିକ କାର୍ଯ୍ୟାଳୟ ଉପ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଡ଼ଃ କୁଳମଣି ଓଝା, ବରଣ୍ୟ ଅତିଥି ବିଧାନସଭା ପୂର୍ବତନ ଉପ - ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ରହିଥିବା ଛାତ୍ରଛାତ୍ରୀଙ୍କୁ ଭବିଷତରେ ଜଣେ ଜଣେ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଅଧାପିକା ବାଇରୀ ଦେବୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧାପକ ଶ୍ରୀଧର ବଢେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ରାଷ୍ଟ୍ରବ୍ୟାପୀ ସଚେତନତା ଓ ସଡ଼କ ସୁରକ୍ଷା ମାସ ପାଳିତ

**ଗୁରୁଗ୍ରାମ,୦୨।୦୨ (ନି.ପ୍ର)**: ହୋଣ୍ଡା ମୋଟରସାଇକଲ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ଟ୍ରାଫିକ ନେଟୱର୍କ ନିୟମଗୁଡିକ ସମ୍ପର୍କରେ ଅଧିକ ଭଲ ଭାବରେ ବୁଝିବା ଏବଂ ନିରାପଦ ସଡ଼କ ବ୍ୟବହାରକୁ ଉତ୍ସାହିତ କରିବା ନିମନ୍ତେ ତାହାର ଡିଲର ନେଟୱର୍କ ଏବଂ ସ୍ଥାନୀୟ ସହଭାଗୀଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟକରି ସମଗ୍ର ଦେଶରେ ସଚେତନତା ଉପରେ ଦୃଷ୍ଟିନିବଦ୍ଧକାରୀ ଏକାଧିକ ପ୍ରୟାସ କାର୍ଯ୍ୟକାରୀ କରିଥିଲା। ସମୁଦାୟ ଏକ ମାସ ଧରି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମଗୁଡିକ ରାଷ୍ଟ୍ରବ୍ୟାପୀ ଅନେକ ସହରରେ କାର୍ଯ୍ୟକାରୀ କରାଯାଇଥିଲା, ଯାହା ୩୦୦୦୦ରୁ ଅଧିକ ଅଂଶଗ୍ରହଣ କାରୀଙ୍କ ନିକଟରେ ପହଞ୍ଚିଥିଲା। ଏହାର ଜାତୀୟ ସଡ଼କ ସୁରକ୍ଷା ମାସ ପ୍ରୟାସସମୂହର ଅଂଶ ଭାବରେ ଏଚଏମ୍‌ଏସଆଇ ତାହାର ଜୟପୁର ଆଇଡିଆଲ୍ ରୋଡ୍ ସେଫ୍‌ଟି ପ୍ରୋଜେକ୍ଟ ଶୁଭାରମ୍ଭ କରିଥିଲା, ଯାହା ସୁରକ୍ଷିତ ଏବଂ ଅଧିକ ଦାୟିତ୍ୱସମ୍ପନ୍ନ ଗମନା ଗମନ ନିମନ୍ତେ ଏହାର ଦୃଷ୍ଟିନିବଦ୍ଧକାରୀ ପ୍ରୟାସକୁ ପ୍ରଦର୍ଶିତ କରିଥିଲା। ଏହି ପ୍ରୋଜେକ୍ଟ ସହିତ ଶିକ୍ଷା, ପ୍ରବର୍ତ୍ତନ, ଇଞ୍ଜିନିୟରିଂ ଏବଂ ନୂତନ ସମ୍ବେଦୀ ପରିସ୍ଥିତିଗୁଡିକୁ ସ୍କୁଲ, ଟ୍ରାଫିକ ପୋଲିସ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ନାଗରିକମାନଙ୍କ ସହଭାଗୀତା ଜରିଆରେ ଦୈନନ୍ଦିନ ଜନସାଧାରଣଙ୍କ ସହିତ ସମନ୍ୱିତ କରି ଏକ ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ଗ୍ରହଣ କରିଛି। ଏହା ସଚେତନତା ଓ ତାଲିମ, ଉନ୍ନତ ସଡ଼କ ଭିତିଭୂମି, ଚିହ୍ନିତ ଜୋନ୍‌ଗୁଡିକରେ କଡାକଡି ଅନୁପାଳନ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକ ସମ୍ପର୍କରେ ବିଶ୍ଳେଷଣ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ମଜଭୁତ ପ୍ରଥମ ସମ୍ବେଦୀ ପ୍ରସ୍ତୁତି ଜରିଆରେ ଏହି ପ୍ରୟାସ ଦୁର୍ଘଟଣା ହ୍ରାସ କରିବା ଏବଂ ଜୀବନ ରକ୍ଷା କରିବା ତଥା ସେହି ସମୟରେ ଏକ ଅଧିକ ଦାୟିତ୍ୱସମ୍ପନ୍ନ, ପ୍ରସ୍ତୁତ ଏବଂ ସୁରକ୍ଷା ସଚେତନ ଗୋଷ୍ଠୀ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖିଛି ଯାହା ଭାରତର ସମସ୍ତ ସହର ପାଇଁ ଏକ ମଡେଲ ହୋଇପାରିବ। ସଡ଼କ ସୁରକ୍ଷା ରାଲି, ଶୀର୍ଷ ସମ୍ମିଳନୀ, ହେଲ୍‌ମେଟ ବଣ୍ଟନ, ମାସିକ ସଡ଼କ ସୁରକ୍ଷା ପ୍ରଚାର ଅଭିଯାନ ଏବଂ ଅନ୍ୟାନ୍ୟ ନିୟୋଜନକାରୀ କାର୍ଯ୍ୟକଳାପ ସମେତ ସମସ୍ତ ସଚେତନତାମୂଳକ କାର୍ଯ୍ୟକ୍ରମ ଟ୍ରାଫିକ ନିୟମ, ଚାଳକଙ୍କ ଦାୟିତ୍ୱ ଏବଂ ସୁରକ୍ଷାମୂଳକ ଗାଡିଚାଳନା ଅଭ୍ୟାସର ଗୁରୁତ୍ୱ ଉପରେ କେନ୍ଦ୍ରୀଭୂତ ଥିଲା। ସ୍ଥାନୀୟ ସ୍ତରରେ ସଡ଼କ ସୁରକ୍ଷା ସମ୍ପର୍କିତ ବାର୍ତ୍ତାର ପ୍ରସାରକୁ ପରିବ୍ୟାପ୍ତ କରିବା, ଅଧିକରୁ ଅଧିକ ଲୋକଙ୍କ ଅଂଶଗ୍ରହଣ ଉପରେ ଲକ୍ଷ୍ୟ ରଖାଯାଇଥିଲା। ଗାଡିଚାଳନା ଆଚଳଣ ଏବଂ ଟ୍ରାଫିକ ନିୟମ ସମ୍ପର୍କିତ ସଚେତନତା ଉପରେ ଆଲୋଚନା ଆୟୋଜିତ ହୋଇଥିଲା, ଯେଉଁଥିରେ ଟ୍ରାଫିକ ନିୟମଗୁଡିକର କଡାକଡି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଚଏମ୍‌ଏସଆଇ ମଧ୍ୟ ମହିଳା ଚାଳକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ପ୍ରସ୍ତୁତିକୁ ଉତ୍ସାହିତ କରିବା ପାଇଁ ମହିଳା ସଡ଼କ ସୁରକ୍ଷା ରାଲି ଆୟୋଜନ କରିଥିଲା। ସେମାନଙ୍କୁ ମଧ୍ୟ ଗାଡିଚାଳନା ସମୟରେ ବ୍ୟକ୍ତିଗତ ସୁରକ୍ଷା ସମ୍ପର୍କରେ ଅବଗତ କରାଇବାକୁ ହେଲ୍‌ମେଟ ଯୋଗାଇ ଦିଆଯାଇଥିଲା। ଜାତୀୟ ସଡ଼କ ସୁରକ୍ଷା ମାସ ଏଚଏମ୍‌ଏସଆଇର ପ୍ରଚଳିତ ସଡ଼କ ସୁରକ୍ଷା ପ୍ରୟାସସମୂହର ଏକ ମୁଖ୍ୟ ଅଂଶ ହୋଇଛି। କମ୍ପାନୀ ମଧ୍ୟ ପ୍ରତ୍ୟେକ ମାସରେ ନିୟମିତ ଭାବରେ ସଚେତନତାମୂଳକ କାର୍ଯ୍ୟକ୍ରମ ସହିତ ଟ୍ରାଫିକ ଟ୍ରେନିଂ ପାର୍କସମୂହ (ଟିଟିପି), ସେଫ୍‌ଟି ଡ୍ରାଇଭିଂ ଏଜୁକେସନ ସେଣ୍ଟରସମୂହ (ଏସ୍‌ଡିଇସି) ଆଦିରେ ନିମୟିତ ଭିତ୍ତିକରେ ନିୟୋଜନକାରୀ କାର୍ଯ୍ୟକ୍ରମ ଜାରି ରଖିଛି, ଯାହାଦ୍ୱାରା ସଡ଼କ ସୁରକ୍ଷା ସମ୍ପର୍କିତ ଶିକ୍ଷା ଥରେ ମାତ୍ର ନିୟୋଜନତା ନହୋଇ ଏକ ନିରନ୍ତର ପ୍ରୟାସ ହୋଇ ରହିବା ସୁନିଶ୍ଚିତ କରୁଛି। ଏହି ସାମଗ୍ରିକ ପ୍ରୟାସସମୂହ ଜରିଆରେ ଏଚଏମ୍‌ଏସଆଇ ସମଗ୍ର ଭାରତରେ ଗାଡିଚାଳକ, ପଥଚାରୀ ଏବଂ ଜନସାଧାରଣଙ୍କ ନିମନ୍ତେ ନିରାପଦ ସଡ଼କ ଦିଗରେ ତାହାର ଅଂଶୀଦାରଙ୍କ ସହିତ ମିଶି ନିରନ୍ତର କାର୍ଯ୍ୟ କରୁଛି। ଏହାର ବୈଶ୍ୱିକ ସୁରକ୍ଷା ସ୍ଲୋଗାନ 'ସେଫ୍‌ଟି ଫର୍ ଏଭ୍ରିୱାନ୍' ଦ୍ୱାରା ପରିଚାଳିତ ହୋଇ ହୋଣ୍ଡା ଏଭଳି ଏକ ଭବିଷ୍ୟତ ନିର୍ମାଣ କରିବାକୁ ପ୍ରତିବଦ୍ଧ ରହିଛି, ଯେଉଁଠାରେ ଗମନା ଗମନ ଓ ସୁରକ୍ଷା ଏକ ସମୟରେ ଆଗକୁ ବଢିବେ। ଶିକ୍ଷା ଓ ଆଦ୍ୟ ସଚେତନତା ଜରିଆରେ କମ୍ପାନୀ ଯୁବାବସ୍ଥାରୁ ସଡ଼କ ସୁରକ୍ଷା ସଚେତନତା ନିର୍ମାଣ ନିମନ୍ତେ ନିର'ର କାର୍ଯ୍ୟ କରୁଛି ଏବଂ ଏହାଦ୍ୱାରା ଏକ ପିଢିଗତ ରୂପା'ରଣକୁ ଉତ୍ସାହିତ କରୁଛି, ଯେଉଁଠାରେ ସୁରକ୍ଷିତ କାର୍ଯ୍ୟାଭ୍ୟାସ ଦ୍ୱିତୀୟ ସ୍ୱଭାବ ପାଲଟୁଛି। ୨୦୨୧ରେ ହୋଣ୍ଡା ୨୦୫୦ ନିମର୍ଟେ ହୋଣ୍ଡା ମୋଟରସାଇକଲ ଓ ଅଟୋମୋବାଇଲ ସଂପୃକ୍ତ ଥାଇ ଶୂନ୍ୟ ଟ୍ରାଫିକ ଦୁର୍ଘଟଣାଜନିତ ମୃତ୍ୟୁ ହାସଲ କରିବାକୁ ଏହାର ବୈଶ୍ୱିକ ଲକ୍ଷ୍ୟ ଘୋଷଣା କରିଥିଲା ଏବଂ ଭାରତରେ ଏଚଏମ୍‌ଏସଆଇ ଏହାର ଲକ୍ଷ୍ୟ ମୁତାବକ ଏବଂ ୨୦୩୦ ସୁଦ୍ଧା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ଭାରତର ଲକ୍ଷ୍ୟ ଅନୁଯାୟୀ କାର୍ଯ୍ୟ କରୁଛି।



